Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

RNI Regd. No. :ODIMUL/2023/89182 Rs - 5.00

ଭାଗ:୨, ସଂଖ୍ୟା: ୦୯, ଭୁବନେଶ୍ୱର, ଜାନୁୟାରୀ ୧୩-୧୯, ୨୦୨୫, Vol: 2, Issue: 09, Bhubaneswar, January 13-19, 2025 Pages- 8

# କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଦାନ୍ତ ଚିକିତ୍ସା: ଯଥା ପୂର୍ବମ୍ ତଥା ପରମ୍

*ରାଜ୍ୟର ରାଜଧାନୀ ଭୁବନେଶ୍ୱରର ପ୍ରମୁଖ ଭି.ଆଇ.ପି ଅଞ୍ଚଳ ୟୁନିଟ୍ ଛଅରେ ଅବସ୍ଥିତ ରାଜ୍ୟ ସରକାରଙ୍କ ରେଫେରାଲ୍ କ୍ୟାପିଟାଲ୍ ହସ୍ପିଟାଲ୍। ଏହା ଏକ ମାନ୍ୟତାପ୍ରାପ୍ତ ସରକାରୀ ଚିକିତ୍ସାଳୟ ହେଇଥିଲେ ମଧ୍ୟ ଦନ୍ତ ପାଇଁ ଆଧୁନିକ ଚିକିତ୍ସା ବ୍ୟବସ୍ଥା ନାହିଁ। ଉନ୍ନତମାନର ଦନ୍ତ ଚିକିତ୍ସା ପାଇଁ ଏଠାରେ ଉପଲବ୍ଧ ଥିବା ଉପାଦାନକୁ ନେଇ ଏହି ଆଲେଖ୍ୟ।*

**ଉପସ୍ଥାପନା : ଜ୍ଞାନ ରଞ୍ଜନ ମିଶ୍ର**




ଦାନ୍ତ ମନୁଷ୍ୟ ଶରୀରର ଅତି ଉପାଦେୟ ଅଙ୍ଗ, ଯାହାକି ଖାଦ୍ୟକୁ ଚୋବାଇ ଖାଇବାରେ ଓ ସ୍ୱାଦ ବାରିବାରେ ସାହାଯ୍ୟ କରିଥାଏ। ଦାନ୍ତର ଉପଯୁକ୍ତ ଯତ୍ନ ନନେବା ଦ୍ୱାରା ତାହା ଶୀଘ୍ର କ୍ଷୟ ହେଇଯାଏ। ତେଣୁ ଦେଶର ପ୍ରାୟ ମେଡିକାଲ କଲେଜର ପ୍ରବେଶିକା ପରୀକ୍ଷାରେ ଦାନ୍ତ ଚିକିତ୍ସାକୁ ନେଇ ସ୍ୱତନ୍ତ୍ର (ବି.ଡି.ଏସ) ପାଠ୍ୟକ୍ରମ ରହିଛି। ଆଗରୁ (ଏମ.ବି.ବି.ଏସ) ପଢିବା ପାଇଁ ଅତ୍ୟଧିକ ଆଗ୍ରହ ହେତୁ ଦନ୍ତ ଚିକିତ୍ସା ପାଠପଢାକୁ ନେଇ ଛାତ୍ରଛାତ୍ରୀ ଏତେ ଆଗ୍ରହ ପ୍ରକାଶ କରୁନଥିଲେ। କିନ୍ତୁ ପରିବର୍ତ୍ତିତ ପରିସ୍ଥିତି ଓ ସାଂପ୍ରତିକ ସ୍ଥିତିରେ (ବି.ଡି.ଏସ) ପାଠ ପଢିବାକୁ ବହୁତ ଆଗ୍ରହ ସୃଷ୍ଟି ହେଲାଣି। ଦନ୍ତ ଚିକିତ୍ସା ଆଉ କେବଳ ଦାନ୍ତ ଉପୁଡେଇବା ମଧ୍ୟରେ ସୀମିତ ନରହି, ରୁଟ୍-କ୍ୟାନାଲ, ଦାନ୍ତ ଫିଲିଙ୍ଗ୍, ନୂଆ ଦାନ୍ତ ବସେଇବା, ବାହାଡା ଦାନ୍ତ ନେଲିଙ୍ଗ୍, କସମେଟିକ୍ ସର୍ଜରି ଓ କ୍ୟାପିଙ୍ଗ୍ ଇତ୍ୟାଦି ଆଡକୁ କେବେଠାରୁ ଗତି କରିସାରିଲାଣି। ଏସବୁ ଅତ୍ୟାଧୁନିକ ଉନ୍ନତ ଚିକିତ୍ସା କେବଳ ଘରୋଇ ଡାକ୍ତରଖାନାରେ ଉପଲବ୍ଧ ହେଇପାରୁଛି। ଘରୋଇ ଡାକ୍ତରଖାନାର ବ୍ୟୟବହୁଳ ଚିକିତ୍ସା ପାଇଁ ଖର୍ଚ୍ଚ କରିବାକୁ ରୋଗୀ ଅସମର୍ଥ। କୌଣସି ସ୍ୱାସ୍ଥବୀମା କମ୍ପାନୀ ଦନ୍ତ ଚିକିତ୍ସାର ଖର୍ଚ୍ଚ ତୁଲେଇବାକୁ ରାଜି ନୁହଁନ୍ତି। ରାଜ୍ୟର ଦୁଇ ପ୍ରମୁଖ ସରକାରୀ ଡାକ୍ତରଖାନା ଏସ.ସି.ବି ଓ କ୍ୟାପିଟାଲ୍ ହସ୍ପିଟାଲ୍ ରେ ସମସ୍ତ ଭିତ୍ତିଭୂମି ସତ୍ୱେ ଉନ୍ନତ




ଦନ୍ତ ଚିକିତ୍ସା ସେବା ମିଳୁନାହିଁ। ତେଣୁ କ୍ୟାପିଟାଲ ହସ୍ପିଟାଲରେ ଉନ୍ନତ ଦାନ୍ତ ଚିକିତ୍ସା ମିଳିବ କେବେ ? ଏମିତିକା ପ୍ରଶ୍ନଟିଏ ମନକୁ ଆସିବା ସ୍ୱାଭାବିକ ଲାଗୁଛି। ପ୍ରଥମତଃ ରାଜ୍ୟର ରାଜଧାନୀ ସେଥିରେ ପୁଣି ଭୁବନେଶ୍ୱରର ପ୍ରମୁଖ ଭି.ଆଇ.ପି ଅଞ୍ଚଳ ୟୁନିଟ୍ ଛଅ, ତାପରେ ରାଜ୍ୟ ସରକାରଙ୍କ ରେଫରାଲ୍ ହସ୍ପିଟାଲ୍ ହେଉଛି କ୍ୟାପିଟାଲ୍ ହସ୍ପିଟାଲ୍। ଏହା ଏକ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସାଳୟ ହୋଇଥିଲେ ମଧ୍ୟ ଏଠାରେ ଅନେକ ରୋଗ ପାଇଁ ଆଧୁନିକ ଚିକିତ୍ସା ବ୍ୟବସ୍ଥା ନାହିଁ। ଏହା ମଧ୍ୟରେ ଦନ୍ତ ରୋଗ ବିଭାଗ ଅନ୍ୟତମ। ପୂର୍ବ ସରକାର କ୍ୟାପିଟାଲ ହସ୍ପିଟାଲ୍ କୁ ପି.ଜି ଇନଷ୍ଟିଚ୍ୟୁଟ୍ ରେ ପରିଣତ କରିବାକୁ ଉଦ୍ୟମ ଆରମ୍ଭ କରିଥିଲେ ହେଁ ସାଧାରଣ ଲୋକଙ୍କୁ ଉନ୍ନତମାନର ଦନ୍ତ ଚିକିତ୍ସା ଯୋଗାଇବା ପାଇଁ ସେଠାରେ ଅଦ୍ୟାବଧି କୌଣସି ବ୍ୟବସ୍ଥା ନାହିଁ। ମେଡ଼ିକାଲ କର୍ତ୍ତୃପକ୍ଷ ମଧ୍ୟ ଏଥିନିମନ୍ତେ ବିଶେଷ ତତ୍ପର ଥିବାଭଳି ଜଣାପଡୁନି। କୌଣସି ରୋଗୀଙ୍କୁ ଏଠାରେ ଗରୁତ୍ୱ ଦିଆଯାଉନାହିଁ, ଫଳରେ ସେମାନେ ଘରୋଇ ଦାନ୍ତ କ୍ଲିନିକ୍ କୁ ଯାଇ ଅଜଥା ଖର୍ଚ୍ଚାନ୍ତ ହେବାକୁ ବାଧ୍ୟ ହେଉଛନ୍ତି। ଦାନ୍ତର ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ପାଇଁ ପ୍ରତ୍ୟହ ଏଠାକୁ ଅନେକ ରୋଗୀ ଆସି ଫେରିବାକୁ ବାଧ୍ୟ ହେଉଥିବା ଜଣାପଡ଼ିଛି। ୨୦୧୯ ମସିହା ଜୁନ୍ ମାସରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରୁଟ କ୍ୟାନାଲ୍ ସହ ଫିଲିଙ୍ଗ୍ ସଫଳତାର ସହ କ୍ୟାପିଟାଲ୍ ହସ୍ପିଟାଲରେ କରାଯାଇଥିଲା ବୋଲି ବ୍ୟାପକ ପ୍ରଚାର ଓ ପ୍ରସାର କରାଯାଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସଫଳ ଦାନ୍ତ ଚିକିତ୍ସାର ପ୍ରଚାର ହିଁ ସେବେଠାରୁ ସାଧାରଣ ଲୋକଙ୍କୁ ଏଠାକୁ ଆସିବା ପାଇଁ ଆକର୍ଷିତ କରୁଛି। କିନ୍ତୁ ଏଠାରେ ବିଶେଷ କିଛି ସୁବିଧା ନାହିଁ। ଫଳସ୍ୱରୁପ ସାଧାରଣ ରୋଗୀ ଏଠାରେ ତିରିଶି ପ୍ରତିଶତ ଚିକିତ୍ସା ହେଇ ପରବର୍ତ୍ତି ସତୁରି ଭାଗ ଚିକିତ୍ସା ପାଇଁ ଘରୋଇ ଡାକ୍ତରଖାନାକୁ ଯାଉଛନ୍ତି। କିନ୍ତୁ ପ୍ରକୃତ କଥା ହେଉଛି ପୂର୍ବତନ ମୁଖ୍ୟମନ୍ତ୍ରୀ ଯେତେବେଳେ କ୍ୟାପିଟାଲ୍ ହସ୍ପିଟାଲକୁ ଦାନ୍ତ ଚିକିତ୍ସା ପାଇଁ ଆସୁଥିଲେ, ସେତେବେଳେ ସାଧାରଣରେ ଏକ ଚର୍ଚ୍ଚା ସୃଷ୍ଟି ହେଉଥିଲା ଯେ ସେଠାରେ ଉନ୍ନତମାନର ଚିକିତ୍ସା ସୁବିଧା ଉପଲବ୍ଧ ଅଛି। କିନ୍ତୁ ବାସ୍ତବ ସ୍ଥିତି ହେଉଛି ସମ୍ପୂର୍ଣ୍ଣ ଓଲଟା। କେବଳ ଦାନ୍ତ ବିନ୍ଧା ପାଇଁ ଔଷଧ, ଦାନ୍ତ ଉପାଡ଼ିବା ଓ ଛୋଟମୋଟ ଷ୍ଟିଚ୍ କୁ ବାଦ ଦେଲେ ଏଠାରେ ଦାନ୍ତର ଅନ୍ୟ କୌଣସି ବିଶେଷ ଚିକିତ୍ସା କରାଯାଏ ନାହିଁ। ପ୍ରତ୍ୟେକ ଦିନ କ୍ୟାପିଟାଲ୍ ହସପିଟାଲ୍ କୁ ସହର ତଥା ଆଖପାଖ ଅଞ୍ଚଳରୁ ହଜାର ହଜାର ରୋଗୀ ଆସିଥାନ୍ତି। ଏମାନଙ୍କ ମଧ୍ୟରୁ ଅନେକ ଦାନ୍ତ ରୋଗୀ ବି ଆସିଥାନ୍ତି, କିନ୍ତୁ ଏଠାରେ ଚିକିତ୍ସା ନପାଇ ନିରାଶ ହୋଇ ଫେରିଥାଆନ୍ତି। ତେବେ ଏହାକୁ ପି.ଜି ଇନଷ୍ଟିଚ୍ୟୁଟ୍ ରେ ପରିଣତ କରିବାକୁ ନୂଆ ସରକାର ମଧ୍ୟ ସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ କରିଛନ୍ତି। ଏଠାରେ ଦନ୍ତ ଚିକିତ୍ସା ପାଇଁ ଏକ ସ୍ୱତନ୍ତ୍ର ବିଭାଗ ଖୋଲି ରୁଟ୍-କ୍ୟାନାଲ୍, ନୂଆ ଦାନ୍ତ ବସାଇବା ଆଦିର ବ୍ୟବସ୍ଥା କରାଇପାରିଲେ ବରଂ ସାଧାରଣ ରୋଗୀ ପ୍ରକୃତରେ ଉପକୃତ ହୁଅନ୍ତେ। ଏ ବାବଦରେ ମେଡ଼ିକାଲ ନିର୍ଦ୍ଦେଶକଙ୍କ ଉତ୍ତର ମଧ୍ୟ ସନ୍ତୋଷଜନକ ନୁହେଁ। ତାଙ୍କ କହିବା ଅନୁସାରେ ରୁଟ୍-କ୍ୟାନାଲ୍ ଓ ଅନ୍ୟାନ୍ୟ ଉନ୍ନତ ଚିକିତ୍ସା କରିବା ପାଇଁ କ୍ୟାପିଟାଲ୍ ହସ୍ପିଟାଲରେ ସ୍ୱତନ୍ତ୍ର ଓ.ଟି'ର ବ୍ୟବସ୍ଥା ନାହିଁ। ଦାନ୍ତ ବିଭାଗରେ ମାତ୍ର ଦୁଇ ଜଣ ଡାକ୍ତର ଅଛନ୍ତି। ଓ.ଟି କେବେ ହେବ ଏହାର କୌଣସି ସୂଚନା ଆମ ପାଖରେ ନାହିଁ। ଏପରି ସ୍ଥିତିରେ କେମିତି ଆଉ କିଭଳି ଉନ୍ନତ ଦନ୍ତ ଚିକିତ୍ସା ମିଳିବ ସେକଥା ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି।




Empowering Hope, Dignity & Respect

ଭଏସ୍ ଅଫ୍ ଭିକ୍ଟିମ୍ସ ଟ୍ରଷ୍ଟ୍ ର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜୀବନ ସଦସ୍ୟତା ନିମନ୍ତେ ଇଛୁକ ବ୍ୟକ୍ତିବିଶେଷ ନିମ୍ନଲିଖିତ ଫୋନ କିମ୍ବା ଇ-ମେଲ୍ ମାଧ୍ୟମରେ ଯୋଗାଯୋଗ କରି ପ୍ରଦତ୍ତ ଆକାଉଣ୍ଟରେ ଦେୟ ପଇଠ କରିବାକୁ ଅନୁରୋଧ।


**Voice of Victims Trust**

Phone No:6371417361
Email:voiceofvictimsnews@gmail.com
Current Account No: 40187930783
SBI Old Town Branch, Bhubaneswar
IFSC: SBIN0003108

## ଡରାଇଲାଣି ଏଚ୍‌ଏମ୍‌ପିଭି ଭାଇରସ୍

ନୂଆଦିଲ୍ଲୀ: ଦେଶରେ କାୟା ବିସ୍ତାର କରିବାରେ ଲାଗିଛି ଏଚଏମପିଭି । ଦିନକୁ ଦିନ ବଢିବାରେ ଲାଗିଛି ଆକ୍ରାନ୍ତଙ୍କ ସଂଖ୍ୟା। ଦେଶରେ ବର୍ତ୍ତମାନ ଏହି ଭୂତାଣୁରେ ଆକ୍ରାନ୍ତଙ୍କ ସଂଖ୍ୟା ୧୪ରେ ପହଁଚିଛି। ମହାରାଷ୍ଟ୍ର ନାଗପୁରରେ ଦୁଇ ଶିଶୁଙ୍କ ରିପୋର୍ଟ ପଜେଟିଭ୍ ଆସିଛି । ଏବେ ସୁଦ୍ଧା ମହରାଷ୍ଟ୍ର, ଗୁଜରାଟ, କର୍ଣ୍ଣାଟକ, ତାମିଲନାଡୁ ଓ ପଶ୍ଚିମବଙ୍ଗରେ ଏଚଏମପିଭି ସଂକ୍ରମିତ ଚିହ୍ନଟ ହୋଇସାରିଲେଣି ।

କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଅପୂର୍ବ ଚନ୍ଦ୍ରା ଏକ ଉଚ୍ଚସ୍ତରୀୟ ବୈଠକ ଡାକି ପରିସ୍ଥିତିର ସମୀକ୍ଷା କରିଛନ୍ତି । ଦେଶରେ ଏବେ ସୁଦ୍ଧା ଖୁବ କମ୍ ସଂଖ୍ୟକ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସମସ୍ତେ ଶିଶୁ ବା ନାବାଳକ ବୋଲି ଜଣାପଡିଛି । ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ପୂଣ୍ୟ ସଲିଳ ଶ୍ରୀବାସ୍ତବ ଭର୍ଚୁଆଲ ମୋଡ଼ରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସ୍ୱାସ୍ଥ୍ୟ ସଚିବମାନଙ୍କ




ସହ ଏକ ବୈଠକରେ ଏହି ଭାଇରସର ମୁକାବିଲା ନେଇ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଛନ୍ତି । ସେ କହିଛନ୍ତି ଯେ ଯଦିଓ ପରିସ୍ଥିତି ଉଦବେଗଜନକ ନୁହେଁ, କିନ୍ତୁ ସତର୍କା ଅବଲମ୍ବନ ଜରୁରୀ ।

## ସଂ ପା ଦ କୀ ୟ

# ଶବ୍ଦ ପ୍ରଦୂଷଣରୁ ଶ୍ରବଣ ଶକ୍ତି ହ୍ରାସ

ଦୈନନ୍ଦିନ ଜୀବନରେ ଆମେ ଅନେକ ପ୍ରକାର ଶବ୍ଦର ପ୍ରଭାବରେ ଆସିଥାଉ। ଶବ୍ଦର ମାତ୍ରା ଅତ୍ୟଧିକ ହେଲେ ଏହା ଆମର ଶ୍ରବଣ ଶକ୍ତିର କ୍ଷତି କରିଥାଏ। ଏହାକୁ ଶବ୍ଦ ପ୍ରଦୂଷଣ ଜନିତ ଶ୍ରବଣ ଶକ୍ତି ହ୍ରାସ କୁହାଯାଏ। ଦୀର୍ଘ ସମୟ ଧରି ଅଧିକ ମାତ୍ରାର ଶବ୍ଦ ସଂସ୍ପର୍ଶରେ ଆସିବା କିମ୍ବା ହଠାତ୍ ଏକ ଅତ୍ୟଧିକ ମାତ୍ରାର ଶବ୍ଦ କାନରେ ବାଜିଲେ ଆମ ଅନ୍ତଃକର୍ଣ୍ଣରେ ଥିବା ସୂକ୍ଷ୍ମ କେଶତୃଣଗୁଡ଼ିକୁ କ୍ଷତି ପହଞ୍ଚାଇଥାଏ। ଯାହାକି ଥରେ ନଷ୍ଟ ହୋଇଗଲେ ପୁନଃ ତିଆରି ହୋଇପାରେ ନାହିଁ। ଫଳସ୍ୱରୂପ ଶ୍ରବର ଶକ୍ତି ସ୍ଥାୟୀ ଭାବେ ନଷ୍ଟ ହୋଇଯାଏ। ଗବେଷଣାରୁ ଦେଖାଯାଇଛି ୮୫ ଡେସିବେଲରୁ ଅଧିକ ମାତ୍ରାର ଶବ୍ଦ ସଂସ୍ପର୍ଶରେ ଦୀର୍ଘ ସମୟ ରହିଲେ ଶ୍ରବଣ ଶକ୍ତି ହ୍ରାସ ଘଟିଥାଏ। ଶବ୍ଦ ପ୍ରଦୂଷଣ ଆଜିର ଜଗତରେ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ରୂପେ ଉଭା ହୋଇଛି । ଆସନ୍ତୁ ସର୍ବ ପ୍ରଥମେ ଏହାର କାରଣ ସମ୍ପର୍କରେ ଜାଣିବା। ଯାନବାହାନର ହର୍ଣ୍ଣ, କାରଖାନା ଓ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ଯନ୍ତ୍ରପାତିର ଶବ୍ଦ, ବାହାଘର ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ବ୍ୟବହୃତ ଡିଜେ, କନସର୍ଟର ଶବ୍ଦ ପ୍ରଦୂଷଣ ଶ୍ରବଣ ଶକ୍ତି ହ୍ରାସର କାରଣ ହୋଇଥାଏ। ଏହା ବ୍ୟତୀତ ଆଧୁନିକ ଯୁବପିଢ଼ିଙ୍କ ଦ୍ୱାରା ବ୍ୟବହୃତ ହେଡଫୋନ, ମୋବାଇଲ ଫୋନ ଓ ଇୟରବଡ଼ର ଅତିରିକ୍ତ ବ୍ୟବହାର ଏହାର ଏକ ପ୍ରମୁଖ କାରଣ। ଅନେକ ସମୟରେ ଆକସ୍ମିକ ଅତ୍ୟଧିକ ମାତ୍ରାର ଶବ୍ଦ ସଂସ୍ପର୍ଶରେ ଆସିବା ଯେମିତିକି ବିସ୍ଫୋରଣ, ବାଣ ଫୁଟିବା ଏବଂ ବନ୍ଧୁକରୁ ଗୁଳି ଫୁଟିବା କ୍ଷଣିକ ବା ସ୍ଥାୟୀ ଭାବରେ ଶ୍ରବଣ ଶକ୍ତିକୁ କ୍ଷତି ପହଞ୍ଚାଇଥାଏ। ଏହାର ପ୍ରମୁଖ ଲକ୍ଷଣ ଗୁଡ଼ିକ ହେଉଛି ଶବ୍ଦ ଜନିତ ଶକ୍ତି ହ୍ରାସର ପ୍ରଥମ ଲକ୍ଷଣ ହେଉଛି କାନ ଭିତରେ ଝିଁ ଝିଁ ବା ସଁ ସଁ ଶବ୍ଦ ହେବା। ଏହାଛଡ଼ା ନିମ୍ନ ସ୍ୱର ବା ମଧ୍ୟ ସ୍ୱରର ଶବ୍ଦ ଶୁଣିବାରେ ଅସୁବିଧା ଅନୁଭବ କରିବା ଏବଂ ଶବ୍ଦ ଶୁଣିପାରିଲେ ମଧ୍ୟ ସ୍ପଷ୍ଟ ଭାବେ କଥା ବୁଝି ନପାରିବା ଏହାର ଲକ୍ଷଣ ହୋଇପାରେ। ପ୍ରତିକୂଳ ପ୍ରଭାବ ସମ୍ପର୍କରେ ଟିକେ ଜାଣନ୍ତୁ। ଶ୍ରବଣ ଶକ୍ତି ହ୍ରାସ ଆମର ସାମାଜିକ ଓ ଆର୍ଥିକ ଜୀବନରେ ପ୍ରଭାବ ସୃଷ୍ଟି କରିପାରେ। ଏହାଛଡ଼ା ଏହା ଆମର ଆତ୍ମବିଶ୍ୱାସକୁ କମ କରି ମାନସିକ ଚାପ ବୃଦ୍ଧି କରିଥାଏ। ଦୈନନ୍ଦିନ କାର୍ଯ୍ୟ ସମ୍ପାଦନରେ ବାଧା ସୃଷ୍ଟି କରେ ଏବଂ ଜୀବନଧାରଣର ମାନ ହ୍ରାସ କରିଥାଏ। ପ୍ରତିରୋଧ ଓ ସଚେତନତା ହେଉଛି ଅଧିକ ଶବ୍ଦ ସୃଷ୍ଟି ହେଉଥିବା ସ୍ଥାନରେ ଯେତେ ଦୂର ସମ୍ଭବ କମ ସମୟ ରହିବାକୁ ଚେଷ୍ଟା କରନ୍ତୁ। ଶ୍ରବଣ ସୁରକ୍ଷା ଉପକରଣ ଯଥା ଇୟର ପ୍ଲଗ ବା ଇୟର ମଫ ବ୍ୟବହାର କରନ୍ତୁ। ବ୍ୟକ୍ତିଗତ ଗ୍ୟାଜେଟ ଯଥା ମୋବାଇଲ ଫୋନ ଓ ହେଡଫୋନର ଶବ୍ଦ ସ୍ତରକୁ ନିମ୍ନରେ ରଖନ୍ତୁ ଏବଂ ଅଧିକ ଲମ୍ବା ସମୟ ଧରି ବ୍ୟବହାର କରିବାରୁ ନିବୃତ୍ତ ରହନ୍ତୁ। ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନରେ ସାଉଣ୍ଡ କଟକଣା ନିୟମ ପାଳନ କରନ୍ତୁ। ଯାନବାହାନରେ ନିହାତି ଆବଶ୍ୟକ ନ ହେଲେ ହର୍ଣ୍ଣ ବ୍ୟବହାର କରନ୍ତୁ ନାହିଁ। କାରଖାନା ଓ ନିର୍ମାଣ କାର୍ଯ୍ୟ ଚାଲୁଥିବା ସ୍ଥାନରେ ଶବ୍ଦରୋଧକ ବ୍ୟବସ୍ଥାର ପାଳନ କରନ୍ତୁ ଏବଂ ଶବ୍ଦ ପ୍ରଦୂଷଣ ବିରୋଧୀ ଆଇନକୁ ସମ୍ମାନ କରନ୍ତୁ। ଶବ୍ଦ ପ୍ରଦୂଷଣ ସମ୍ବନ୍ଧରେ ଜନସଚେତନତା ସୃଷ୍ଟି କରନ୍ତୁ। ଶ୍ରବଣ ଶକ୍ତି ହ୍ରାସର କିଛି ବି ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ କରନ୍ତୁ। ଶବ୍ଦ ପ୍ରଦୂଷଣ ଜନିତ ଶ୍ରବଣ ଶକ୍ତି ହ୍ରାସ ଆମ ସମାଜ ପାଇଁ ବିଶେଷ କରି ଯୁବପିଢ଼ି ପାଇଁ ଏକ ଗୁରୁତର ସମସ୍ୟା। ଏହା ଆମ ସ୍ୱାସ୍ଥ୍ୟ ଓ ଜୀବନ ଉପରେ ପ୍ରତିକୂଳ ପ୍ରଭାବ ପକାଏ। ଆମ ଶ୍ରବଣ ଶକ୍ତିର ସୁରକ୍ଷା ଆମର ଦାୟିତ୍ୱ। ଆମେ ସଚେତନତ ହେବା ଶ୍ରବଣ ଶକ୍ତିକୁ ସୁରକ୍ଷିତ ରଖିବା।

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।

ମୋବାଇଲ (ହ୍ୱାଟସ୍ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ପିଲାଙ୍କ ପାଇଁ ସ୍ୱାସ୍ଥ୍ୟପ୍ରଦ ନୂଆବର୍ଷ

ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତରାୟ

ଗତାନୁଗତିକ ଭାବରେ ଚଳିତ ବର୍ଷଟି ଆଉ ଦିନ କେଇଟାରେ ପରିବର୍ତ୍ତିତ ହୋଇଯିବ ଆଉ ଗୋଟିଏ ବର୍ଷ ଭାବରେ । ନୂଆ କ୍ୟାଲେଣ୍ଡରଟି କାନ୍ଥରେ ଲାଗିବ, ନୂଆ ଡାଏରୀଟି ବି କିଣା ହେବ । ଶୁଭ ମାନସିକ ପାଇଁ ଦେବାଳୟ ଦର୍ଶନ ଓ ଭୋଜିଭାତ ଭିତରେ କିନ୍ତୁ ପ୍ରାୟତଃ ଗୋଟିଏ ପ୍ରସଙ୍ଗ ଅଧିକାଂଶ କ୍ଷେତ୍ରରେ ଅଣଦେଖା ହୋଇଯାଏ । ସେ କ୍ଷେତ୍ରଟି ହେଉଛି ପିଲାମାନଙ୍କ ସ୍ୱାସ୍ଥ୍ୟଗତ ଦିଗ । ଅଭିଭାବକମାନେ ଯେ ପିଲାଟିର ସ୍ୱାସ୍ଥ୍ୟ ପାଇଁ ଅବହେଳା କରନ୍ତି ତାହା ଏହି ଆଲୋଚନାର ପ୍ରସଙ୍ଗ ନୁହେଁ କିନ୍ତୁ ଚିକିତ୍ସା ସେବା ପରି ଗୁରୁତ୍ୱପୂର୍ଣ୍ଣ ସେବା କ୍ଷେତ୍ରରେ ପ୍ରତ୍ୟେହ ଶହ ଶହ ନିରୀହ ନିଷ୍ପାପ ପିଲାମାନଙ୍କ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କିଛି ପ୍ରସଙ୍ଗ ମୋ ପରି ଚିକିତ୍ସକ ପାଇଁ ଆନ୍ଦୋଳିତର ପ୍ରସଙ୍ଗ ହୋଇଥାଏ । ଏହି ଦେଖନ୍ତୁ ବାପାମାଆ ମାନେ ବେଶ୍ ଉଚ୍ଚଶିକ୍ଷିତ, ପ୍ରତିଷ୍ଠିତ, ଜ୍ଞାନଗୁଣ ସମ୍ପନ୍ନ ଏବଂ ପଇସାର ବି କେଉଁ ଅଭାବ ନାହିଁ । କିନ୍ତୁ ପିଲାଟିର ଜନ୍ମରୁ ଟୀକା ଦିଆ ହୋଇନଥିବ । ଚିକିତ୍ସକଟି ଏ ପ୍ରସଙ୍ଗ ଉତ୍ଥାପନ କଲେ କେହି କେହି ସମ୍ପୃକ୍ତ ଚିକିତ୍ସକଙ୍କର ନିଜ ସ୍ୱାର୍ଥ ବୋଲି କେହି ବିଚାର କରୁଥିବାବେଳେ କେହି କେହି ଅବହେଳା ହୋଇଯାଇଛି ବୋଲି ଜିଭ କାମୁଡି ଦେଇଥାନ୍ତି ! ପରବର୍ତ୍ତୀ ସମୟରେ ଏହି ଛୋଟିଆ ଅବହେଳାଟି ପିଲା ପାଇଁ ପୋଲିଓ ଠାରୁ, ଧନୁଷଟଙ୍କାର, ହେପାଟାଇଟିସ୍ ପରି ଭୟାନକ ଯନ୍ତ୍ରଣାଦାୟକ ରୋଗର ଯେ କାରକ ନହେବ ତାହା କିଏ କହିବ ? ଦ୍ୱିତୀୟ ପ୍ରସଙ୍ଗ ହେଉଛି ପିଲାମାନଙ୍କ ଜନ୍ମ ପଞ୍ଜୀକରଣ । ଅଧିକାଂଶ ପିତାମାତା ବେଶ୍ ସଚେତନ ହୋଇ ବି ବର୍ଷ ବର୍ଷ ଧରି ପିଲାମାନଙ୍କ ପଞ୍ଜିକରଣ ସାର୍ଟିଫିକେଟ ପାଇନଥାନ୍ତି । ଯେତେବେଳେ ପରିସ୍ଥିତିର ଚାପ ପଡ଼େ ସେତେବେଳେ ମୁଣ୍ଡକୁ ବିଛା କାମୁଡ଼ିଲା ପରି ଦଉଡନ୍ତି ଏହି ସାର୍ଟିଫିକେଟଟି ପାଇବା ପାଇଁ । ଚିକିତ୍ସା ସେବା କହୁଛି ନିୟମିତ ବ୍ୟବଧାନରେ ପିଲାମାନଙ୍କ ସ୍ୱାସ୍ଥ୍ୟର ନିଦାନ ଠାରୁ ଆବଶ୍ୟକୀୟ ପରାମର୍ଶ ଶିଶୁ ରୋଗ ବିଶେଷଜ୍ଞଙ୍କ ଠାରୁ ନିଅନ୍ତୁ । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଏହି ଦିଗକୁ ଗୁରୁତ୍ୱ ବିଚାର କରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲ୍ଲା ହସ୍ପିଟାଲ ଠାରୁ ରାଜ୍ୟର ସର୍ବବୃହତ୍ ବଡ଼ମେଡ଼ିକାଲ ଓ ଶିଶୁଭବନରେ ଶିଶୁରୋଗ ବିଶେଷଜ୍ଞ ପିଲାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ବିନା ମୂଲ୍ୟରେ ନିଦାନ ଓ ଆବଶ୍ୟକୀୟ ପରାମର୍ଶ ପାଇଁ ଉପସ୍ଥିତ ଥିଲେ ବି ପିଲାଟିକୁ ବିଧିବଦ୍ଧ ରୋଗ ନ ହେଲା ପର୍ଯ୍ୟନ୍ତ କେତେକ ପିତାମାତା ଏ ଦିଗକୁ ଅଣଦେଖା କରିଥାନ୍ତି । ପିଲାଟି ବଦ୍‌ହଜମର ଶିକାର ହେଉ ବା ଅପପୃଷ୍ଟି, ଭଲ ଭାବରେ ଭୋକ ନଲାଗୁ ବା କୌଣସି ପେଟ ଭିତର ଯନ୍ତ୍ରଣା ଯାହାକୁ ସେ ବର୍ଣ୍ଣନା କରିପାରିନଥାଏ । କିନ୍ତୁ ପିତାମାତା ମାନେ ସେ ଦିଗଟିକୁ ସମ୍ପୂର୍ଣ୍ଣ ଭୁଲିଯାଆନ୍ତି । ଏପରି ଅନେକ ସବୁଠାରୁ ନିତ୍ୟାନ୍ତ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ରହିଛି ଯାହାକୁ ସଚେତନ ବାପାମାଆ ମାନେ ନିଜ ଦୈନନ୍ଦିନ ଜୀବନର ରୁଟିନ୍ ଭାବେ ବିଚାର କରି ପିଲାଟିର ସ୍ୱାସ୍ଥ୍ୟଗତ କ୍ଷେତ୍ରକୁ ଦେଖିଲେ ପିଲାଟିର ସ୍ୱାସ୍ଥ୍ୟ ଭଲ ରୁହଅନ୍ତା ଆଉ ଆପଣଙ୍କ ପିଲାଟି ଭବିଷ୍ୟତର ଏକ ସୁସ୍ଥ ଓ ଦିବ୍ୟମୟ ନାଗରିଗଟିଏ ଭାବେ ତିଆରି ହୋଇ ସମାଜର ସେବା କ୍ଷେତ୍ରରେ ନିଜର ସ୍ୱାକ୍ଷର ବହନ କରିପାରନ୍ତା । ନୂଆବର୍ଷରେ ଅନେକ ବାପମାଆ ନିଜ ନିଜ ପାଇଁ ଅନେକ ପ୍ରତିଜ୍ଞା, ଶପଥ ରଖିଥାନ୍ତି । କିନ୍ତୁ ସେମାନଙ୍କ ପାଇଁ ବଡ଼ ଦାୟିତ୍ୱ ହେଉଛି ପିଲାମାନଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ସ୍ୱାସ୍ଥ୍ୟଗତ କ୍ଷେତ୍ର। କାରଣ ସେମାନେ ଭୁଲିଯିବା କଥା ନୁହେଁ ଯେ ପିଲାଟି ନିରୋଗ ଓ ସୁସ୍ଥ ସବଳ ତଥା ସ୍ୱାସ୍ଥ୍ୟବାନ ରହିଲେ ସେ ନିଜ ଦୈନନ୍ଦିନ ଜୀବନ ସ୍ୱାସ୍ଥ୍ୟପ୍ରଦ ଭାବେ ଗଢ଼ି ତୋଳିବାକୁ ସମର୍ଥ ହୋଇପାରିବ ।

ପିଲାମାନଙ୍କ ଜନ୍ମ ପଞ୍ଜିକରଣ ନ ହୋଇଥିଲେ ସରକାରୀ ବ୍ୟବସ୍ଥାରେ ତୁରନ୍ତ କରାଇ ନିଅନ୍ତୁ, ସରକାରୀ ସୁଯୋଗରେ ଥିବା ନିୟମିତ ସମୟ ବ୍ୟବଧାନର ଟୀକା ପିଲାକୁ ତୁରନ୍ତ ଦିଅନ୍ତୁ । ନେଡ଼ିଗୁଡ଼ କହୁଣୀକୁ ବୋହିଯିବାର ସୁଯୋଗ ସୃଷ୍ଟି କରନ୍ତୁ ନାହିଁ। ପିଲାଟିର କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ରହିଛି କି ବୁଝି ତୁରନ୍ତ ସରକାରୀ ଡାକ୍ତରଖାନାର ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । କୌଣସି କ୍ଷେତ୍ରରେ ତୁଟୁକା ତୁଟୁକି ବା ବେସରକାରୀ କ୍ୱାକ୍, ଗୁଣିଗାରେଡ଼ିର ଆଶ୍ରୟ ନିଅନ୍ତୁ ନାହିଁ । ପିଲାଟି ପାଇଁ ଏକ ଭଲ ଦୈନନ୍ଦିନ ଜୀବନର ରୁଟିନ୍ ପିଲାଟିର ଓ ନିଜର ପରିପାର୍ଶ୍ୱିକ ସ୍ଥିତିକୁ ଦେଖି ତିଆରି କରନ୍ତୁ । ପିଲାଟିର ବିଶ୍ରାମ ଠାରୁ ଖାଇବା ପିଇବା, ପାଠପଢ଼ା ଠାରୁ ଖେଳକୁଦ ଏପରିକି ପିଲାଟିର କୌଣସି ସୃଜନଶୀଳ କଳା ପ୍ରତି ଆଗ୍ରହ ଥିଲେ ଆପଣ ତାକୁ ପ୍ରୋତ୍ସାହିତ କରନ୍ତୁ । କେତେକ ପିଲା ନିଜ ସ୍ୱାସ୍ଥ୍ୟଗତର ଅସୁବିଧା ବୁଝିପାରି ନଥାନ୍ତି ଏ କ୍ଷେତ୍ରରେ ମାଆ ମାନଙ୍କ ଦାୟିତ୍ୱ ସବୁଠାରୁ ବଡ଼ଗୁରୁତ୍ୱପୂର୍ଣ୍ଣ । ପିଲାଟିର କଥା ବୁଝିବା ପାଇଁ ଚେଷ୍ଟା କରନ୍ତୁ ତା ସହିତ ସୁଖଦୁଖ ହେବାପରି ଜଣେ ବନ୍ଧୁଟିଏ ହୁଅନ୍ତୁ ।

*ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର*

# ଏକାଦଶୀ ଉପବାସ ମାହାତ୍ମ୍ୟ : ୧୧

## ବରୁଥିନୀ ଏକାଦଶୀ

ସିଦ୍ଧାର୍ଥ ମହାପାତ୍ର

ଧର୍ମରାଜ ଯୁଧିଷ୍ଠିର, ପ୍ରଭୁ ଶ୍ରୀକୃଷ୍ଣଙ୍କୁ ପଚାରିଲେ,'ହେ ମଧୁସୂଦନ, ଆପଣ ମୋତେ ବୈଶାଖ ମାସ କୃଷ୍ଣ ପକ୍ଷ ଏକାଦଶୀ ମାହାତ୍ମ୍ୟ ବିଷୟରେ କୁହନ୍ତୁ'। ତା'ପରେ ପ୍ରଭୁ ଶ୍ରୀକୃଷ୍ଣ, ଏହି ବରୁଥିନୀ ଏକାଦଶୀ ବିଷୟରେ କହିଲେ। ବରୁଥିନୀ ଏକାଦଶୀ ବୈଶାଖ ମାସ କୃଷ୍ଣ ପକ୍ଷ ତିଥିରେ ପାଳିତ ହୁଏ। ଶାସ୍ତ୍ର ମତ ଅନୁସାରେ ହାତୀ ଘୋଡ଼ା ଦାନ ଠାରୁ ତିଳ ଦାନ ଉତ୍ତମ ଅଟେ। ତିଳ ଦାନ ଠାରୁ ସ୍ୱର୍ଣ୍ଣ ଦାନ ଉତ୍ତମ। ଏବଂ ସର୍ବୋତ୍ତମ ଦାନ ଭାବରେ ଅନ୍ନ ଦାନକୁ ଗ୍ରହଣ କରାଯାଏ, ଯାହାକି କନ୍ୟା ଦାନ ସହ ସମକକ୍ଷ। ବରୁଥିନୀ ଏକାଦଶୀକୁ ନିଷ୍ଠାର ସହ ପାଳନ କଲେ, ଅନ୍ନଦାନ ଏବଂ ସ୍ୱର୍ଣ୍ଣ ଦାନ ଭଳି ସମାନ ପୁଣ୍ୟ ଲାଭ ହୁଏ। ବରୁଥିନୀର ଅନ୍ୟ ଅର୍ଥ ସୁରକ୍ଷା। ତେଣୁ ଏହି ଏକାଦଶୀ ପାଳନ ଦ୍ୱାରା ସମସ୍ତ ଦୁର୍ଭାଗ୍ୟରୁ ସୁରକ୍ଷା ସହ ଇହ ଜଗତରେ ସମସ୍ତ ସୁଖ ସୁବିଧା ପ୍ରାପ୍ତି ଏବଂ ମୃତ୍ୟୁ ପରେ ମୋକ୍ଷ ପ୍ରାପ୍ତି ହୋଇ ସ୍ୱର୍ଗଲୋକ ଲାଭ ହୁଏ। ପୁରା କାଳରେ ପରାକ୍ରମୀ ଏବଂ ତପସ୍ୱୀ ରାଜା ମାନ୍ଧାତା, ଅରଣ୍ୟରେ ତପସ୍ୟା ସମୟରେ ଭାଲୁ ଦ୍ୱାରା ଆକ୍ରାନ୍ତ ହେଲେ। ବିଷ୍ଣୁ ଭଗବାନଙ୍କ ସ୍ତୁତି ଦ୍ୱାରା ଭାଲୁ ଆକ୍ରମଣରୁ ବର୍ତ୍ତିଲେ ମଧ୍ୟ ଗୋଟିଏ ଗୋଡ଼ ହରାଇଲେ। ଭଗବାନଙ୍କ ଉପଦେଶରେ ଭଗବାନଙ୍କ ବରାହ ଅବତାରକୁ ପୂଜନ ସହିତ ବରୁଥିନୀ ଏକାଦଶୀ ବ୍ରତ ପାଳନ କରି ପୁନର୍ବାର ଅଙ୍ଗ ପ୍ରାପ୍ତ କଲେ। ରାଜା ମାନ୍ଧାତା ମୃତ୍ୟୁ ପରେ ଏକାଦଶୀ ବ୍ରତ ସୁଫଳରୁ ସ୍ୱର୍ଗଲୋକ ମଧ୍ୟ ପ୍ରାପ୍ତ ହୋଇଥିଲେ। ଏହି ଏକାଦଶୀ ବ୍ରତ ପାଳନ ପାଇଁ ଦଶମୀ ଦିନ ମଧ୍ୟ ସଞ୍ଜମ ଆଚରଣ କରି ରହିବାକୁ ହୁଏ। ଏହି ଏକାଦଶୀ ଦିନ ତରଭୁଜ ପ୍ରସାଦ ମଧ୍ୟ ଗ୍ରହଣ ଯୋଗ୍ୟ।

*ବଜ୍ରକବାଟି ରୋଡ, କଟକ-୧*
*ମୋବାଇଲ: ୯୩୩୮୫୭୦୯୯୩*

## ମନ୍ଦିର ମାଳିନୀ : ଭାଗ-୧୫

### ସୁବର୍ଣ୍ଣ-ଜଳେଶ୍ୱର ମନ୍ଦିର




କେଦାରଗୌରୀ ଓ ପର୍ଶୁରାମେଶ୍ୱର ମନ୍ଦିର ନିକଟରୁ କୋଟିତୀର୍ଥ ରାସ୍ତା ଦେଇ ଲିଙ୍ଗରାଜ ମନ୍ଦିର ଓ ବିନ୍ଦୁସାଗରକୁ ଯିବା ବାଟରେ ବାମ ପାର୍ଶ୍ୱରେ ଏହି ଐତିହାସିକ ପୁରାତନ ମନ୍ଦିରଟି ଦେଖିବାକୁ ମିଳିଥାଏ। ସୋମବଂଶୀୟ ରାଜାଙ୍କଦ୍ୱାରା ଦଶମ ଶତାବ୍ଦୀରେ ନିର୍ମିତ ଏହି ମନ୍ଦିରଟି ଏକ ଶିବ ମନ୍ଦିର ଅଟେ। ମନ୍ଦିରଟି ଯେଉଁ ସ୍ଥାନରେ ଅବସ୍ଥିତ, ତାର ଆଖପାଖରେ ପୂର୍ବରୁ ଅନେକ ସ୍ୱର୍ଣ୍ଣକାରମାନେ ବସବାସ କରୁଥିଲେ। ସେହି କାରଣରୁ ମନ୍ଦିରର ନାମ ସୁବର୍ଣ୍ଣ ଜଳେଶ୍ୱର ବୋଲି ବିଶ୍ୱାସ କରାଯାଏ।ମନ୍ଦିର ଦ୍ୱାରଦେଶରେ ନବଗ୍ରହଙ୍କୁ ପୂଜା କରାଯାଏ। ଯମୁନା ଏବଂ ଗଙ୍ଗା ନାମକ ଦୁଇ ଦେବୀଙ୍କ ମୂର୍ତ୍ତି ସୁବର୍ଣ୍ଣ ଜଳେଶ୍ୱର ମନ୍ଦିରର ଦ୍ୱାରପାଳ ଭାବେ ଅବସ୍ଥାପିତ ଅଛନ୍ତି। ଗଙ୍ଗା ନିଜ ସହଚରୀଙ୍କ ସହିତ ଅସ୍ପଷ୍ଟ ଦେଖାଯାଉଥିବା କୌଣସି ବାହାନରେ ଥିବା ବେଳେ, ଯମୁନାଙ୍କ ମୂର୍ତ୍ତି ନିଜ ବାହାନ କଇଁଚ ସହିତ ରହିଛି। ମନ୍ଦିର ସମ୍ମୁଖରେ ନନ୍ଦିଙ୍କ ମୂର୍ତ୍ତି ଏବଂ ଦେବୀ ଧରଣୀଙ୍କ ମୂର୍ତ୍ତି ରହିଛି। ଦେବଦେବ ମହାଦେବଙ୍କ ପୂଜା ଦିନମାନଙ୍କରେ ଶ୍ରଦ୍ଧାଳୁମାନଙ୍କର ଭିଡ ଏଠାରେ ହୋଇଥାଏ।

ଜ୍ଞାନ ରଞ୍ଜନ ମିଶ୍ର

# ଜାନୁଆରୀ ଶେଷ ସୁଧା ଇ-କେୱାଇସି ନକଲେ ଅଚଳ ହେବ ରାସନକାର୍ଡ



ଭୁବନେଶ୍ୱର, (ଭିଓଭି): ଚଳିତ ମାସ ୩୧ ତାରିଖ ସୁଦ୍ଧା ଇ-କେୱାଇସି ପ୍ରକ୍ରିୟା ଶେଷ ହୋଇନଥିଲେ ହିତାଧିକାରୀଙ୍କ ରାସନ କାର୍ଡ ଅକାମୀ ହୋଇଯିବ । ରାସନକାର୍ଡର ଇ-କୋୱାଇସି ଯାଂଚ ପ୍ରକିୟା ଶେଷ କରିନଥିବା ହିତାଧିକାରୀଙ୍କୁ ରାଜ୍ୟ ସରକାର ଜାନୁୟାରୀ ୩୧ ତାରିଖ ପର୍ଯ୍ୟନ୍ତ ମହଲତ ଦେଇଛନ୍ତି । ଏହି ଇ-କେୱାଇସି ଯାଂଚ ପ୍ରକ୍ରିୟା ଶେଷ ହେବାପରେ ହିତାଧିକାରୀଙ୍କୁ ରାଜ୍ୟ ସରକାର ନୂଆ ରାସନକାର୍ଡ ଯୋଗାଇ ଦେବେ । ରାଜ୍ୟ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଏବେ ସୁଦ୍ଧା ୪୯ ଲକ୍ଷ ରାସନକାର୍ଡ ହିତାଧିକାରୀ ନିଜର ଇ-କେୱାଇସି ଯାଂଚ ପ୍ରକ୍ରିୟା ଶେଷ କରିନାହାନ୍ତି । ସେମାନଙ୍କୁ ଜାନୁୟାରୀ ୩୧ ତାରିଖ ସୁଦ୍ଧା ଏହି ଇ-କେୱାଇସି ଯାଂଚ ସମ୍ପୂର୍ଣ୍ଣ କରିବାକୁ ରାଜ୍ୟ ସରକାର ସମୟ ଦେଇଛନ୍ତି । ଯେଉଁମାନେ ଏହି ନିର୍ଦ୍ଧାରିତ ଅବଧି ମଧ୍ୟରେ ଇ-କେୱାଇସି ଯାଂଚ ଶେଷ କରିନଥିବେ ସେମାନଙ୍କର କାର୍ଡକୁ ରାଜ୍ୟ ସରକାର ଅକାମୀ କରିଦେବେ। ହିତାଧିକାରୀମାନେ ନିଜର ରାସନ୍ ସାମଗ୍ରୀ ପାଉଥିବା କେନ୍ଦ୍ର(ରାସନ ଡିଲର) ଅବା ସ୍ଥାନୀୟ ଜନସେବା କେନ୍ଦ୍ରକୁ ଯାଇ ଏହି ଇ-କେୱାଇସି ପ୍ରକ୍ରିୟା ଶେଷ କରିବାକୁ ରାଜ୍ୟ ସରକାର ପରାମର୍ଶ ଦେଇଛନ୍ତି । ବାହାର ରାଜ୍ୟରେ ରହୁଥିବା ରାସନକାର୍ଡଧାରୀଙ୍କ ଇ-କେୱାଇସି ଯାଂଚ ପ୍ରକ୍ରିୟାରେ ସହଯୋଗ କରିବା ନିମନ୍ତେ ସରକାରୀ ଅଧିକାରୀମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି। ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାର ରାଜ୍ୟ ଭିତରେ ରାସନକାର୍ଡ ହିତାଧିକାରୀ ଥିବା ବୃଦ୍ଧବୃଦ୍ଧା ଓ ଅସୁସ୍ଥ ଲୋକଙ୍କୁ ଭେଟି କେୱାଇସି ଯାଂଚ କରିବା ନିମନ୍ତେ ସରକାରୀ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ବାହାରେ ଥିବା ଶ୍ରମିକମାନେ ଯୋଗାଯୋଗ କଲେ ସେଠାକୁ ମଧ୍ୟ ସରକାରୀ କର୍ମଚାରୀଙ୍କୁ ପଠାଯିବାକୁ ମଧ୍ୟ ପଦକ୍ଷେପ ନେଇଛନ୍ତି ।ଏବେସୁଦ୍ଧା ରାଜ୍ୟରେ ପ୍ରାୟ ୮୬ପ୍ରତିଶତ ରାସନକାର୍ଡର ଇ-କେୱାଇସି ଯାଂଚ ଶେଷ ହୋଇଛି । ଇ-କେୱାଇସି ଯାଂଚ ମାଧ୍ୟମରେ ଏବେସୁଦ୍ଧା ରାଜ୍ୟରୁ ପ୍ରାୟ ୪୦ଲକ୍ଷ ଭୂତ ହିତାଧିକାରୀ ଚିହ୍ନଟ ହୋଇସାରିଲେଣି । ପ୍ରତ୍ୟେକ ଜିଲ୍ଲାରେ ପ୍ରାୟ ୧ ଲକ୍ଷରୁ ଦେଢ଼ ଲକ୍ଷ ଭୂତ ରାସନକାର୍ଡଧାରୀ ଚିହ୍ନଟ ହୋଇଛନ୍ତି।

## ପ୍ରବାସୀ ଭାରତୀୟ ଏକ୍ସପ୍ରେସର ଶୁଭାରମ୍ଭ

# ବୁଦ୍ଧରେ ଅଛି ଭବିଷ୍ୟତ, ଯୁଦ୍ଧରେ ନୁହେଁ: ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର (ଭିଓଭି): ଆଜି ପ୍ରବାସୀ ଭାରତୀୟ ଏକ୍ସପ୍ରେସର ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରବାସୀ ଭାରତୀୟ ଦିବସ ପାଳନ ଅବସରରେ ଜନତା ମଇଦାନରୁ ଭିଡିଓ କନଫରେନ୍ସ ମାଧ୍ୟମରେ ମୋଦି ଏହି ଟ୍ରେନର ଶୁଭାରମ୍ଭ କରିଛନ୍ତି। ପ୍ରବାସୀ ଭାରତୀୟ ଏକ୍ସପ୍ରେସ ଏକ ସ୍ୱତନ୍ତ୍ର ଅତ୍ୟାଧୁନିକ ପର୍ଯ୍ୟଟନ ଟ୍ରେନ୍, ଯାହାକି ବିଶେଷ ଭାବରେ ଭାରତୀୟ ବଂଶୋଦ୍ଭବ ଏବଂ ପ୍ରବାସୀ ଭାରତୀୟଙ୍କ ଉଦ୍ଦେଶ୍ୟରେ ଆରମ୍ଭ ହୋଇଛି। କେବଳ ୪୫ରୁ ୬୫ ବର୍ଷ ବୟସର ପ୍ରବାସୀ ଭାରତୀୟ ଏହି ଟ୍ରେନରେ ଯାତ୍ରା କରିପାରିବେ। ଦେଶର ବିଭିନ୍ନ ପର୍ଯ୍ୟଟନ ଓ ଧାର୍ମିକ ସ୍ଥଳୀକୁ ଯାଇ ଦର୍ଶନ କରିପାରିବେ। ଏହି ଯାତ୍ରାର ସମୟ ଅବଧି ହେଉଛି ୩ ସପ୍ତାହ। ଏହି ଏକ୍ସପ୍ରେସରେ ଯାଇ ପ୍ରବାସୀ ଭାରତୀୟମାନେ ଅଯୋଧ୍ୟା, ପାଟଣା, ଗୟା, ବାରାଣସୀ, ମହାବଳୀପୁରମ, ରାମେଶ୍ୱରମ, ମଦୁରାଇ, କୋଚି, ଗୋଆ, ଏକତା ନଗର(କେଭାଡିଆ), ଆଜମେର, ପୁଷ୍କର ଏବଂ ଆଗ୍ରା ଆଦି ଦର୍ଶନୀୟ ସ୍ଥାନ ଦେଖିପାରିବେ। ଏହି ଟ୍ରେନର ସର୍ବାଧିକ ଯାତ୍ରୀ କ୍ଷମତା ହେଉଛି ୧୫୬। ବୈଦେଶିକ ମନ୍ତ୍ରଣାଳୟର ପ୍ରବାସୀ ତୀର୍ଥ ଦର୍ଶନ ଯୋଜନା ଅଧୀନରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ।ଉଲ୍ଲେଖ ଯୋଗ୍ୟ, ଭୁବନେଶ୍ୱର ଜନତା ମଇଦାନରେ ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ଆରମ୍ଭ ହୋଇଛି। ଏହାକୁ ଆନୁଷ୍ଠାନିକ ଭାବେ ଆଜି ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଜନତା ମଇଦାନରେ ଧାର୍ଯ୍ୟ ସମୟ ପୂର୍ବାହ୍ନ ୧୦ଟାରେ ପହଞ୍ଚିଥିଲେ ପ୍ରଧାନମନ୍ତ୍ରୀ। ତାଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସମେତ ବୈଦେଶୀକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ମନ୍ତ୍ରୀମାନେ ମଧ୍ୟ ଉପସ୍ଥିତ ଥିଲେ। ବହୁ ସଂଖ୍ୟାରେ ପ୍ରବାସୀ ଭାରତୀୟମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ସମସ୍ତ ପ୍ରବାସୀ ଅତିଥୀଙ୍କୁ ଦେଶର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ବୁଲାଇବା ପାଇଁ ପ୍ରଧାନମନ୍ତ୍ରୀ ଏହି ପ୍ରବାସୀ ଭାରତୀୟ ଏକ୍ସପ୍ରେସର ଶୁଭାରମ୍ଭ କରିଛନ୍ତି।

# ଓଡିଶା ହେବ ମେଗା ଆଇ.ଟି ହବ୍ : ଅଶ୍ୱିନୀ ବୈଷ୍ଣବ



ଭୁବନେଶ୍ୱର,(ଭିଓଭି): ଓଡ଼ିଶାରେ ଏକ ବିଶ୍ୱସ୍ତରୀୟ ଆଇଟି ପ୍ରଶିକ୍ଷଣ ପ୍ରତିଷ୍ଠାନ ସ୍ଥାପନ କରିବା ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ବିଚାରାଧୀନ ରହିଛି । ଓଡ଼ିଶାକୁ ଏକ ମେଗା ଆଇଟି ହବରେ ପରିଣତ କରିବା ପାଇଁ ସମସ୍ତ ପ୍ରକାରର ପଦକ୍ଷେପ ନିଆଯାଉଛି । ଆଜି ଏଭଳି କିଛି ପ୍ରତିଶ୍ରୁତି ଦେଇଛନ୍ତି କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ।ଏହାସହିତ ଓଡ଼ିଶାରେ ଏବେ ୭୦ହଜାର କୋଟି ଟଙ୍କାରୁ ଅଧିକ ରେଳ ପ୍ରକଳ୍ପ ନିର୍ମାଣାଧୀନ ରହିଥିବା ମଧ୍ୟ ସୂଚନା ଦେଇଛନ୍ତି । ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିବା ସହ ଓଡ଼ିଶାରେ ରେଳବାଇ ଓ ଆଇଟି କ୍ଷେତ୍ରରେ ବିକାଶ ଦିଗରେ ଆଲୋଚନା ହୋଇଥିବା ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ପ୍ରେସ୍ ରିଲିଜ୍ ଅନୁସାରେ, ଓଡ଼ିଶାକୁ ଏକ ମେଗା ଆଇଟି ହବରେ ପରିଣତ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ମୁଖ୍ୟମନ୍ତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ଓଡ଼ିଶାକୁ ମେଗା ଆଇଟି ହବରେ ପରିଣତ କରିବା ପାଇଁ ସମସ୍ତ ପ୍ରକାରର ପଦକ୍ଷେପ ନିଆଯାଉଛି । ଓଡ଼ିଶାରେ ଆଇଟି ଷ୍ଟାର୍ଟଅପର ବିକାଶ ପାଇଁ ୪ଟି ବୈଷୟିକ ଅନୁଷ୍ଠାନରେ 'ଚିପ୍ ଟୁ ଷ୍ଟାର୍ଟଅପ୍'କାର୍ଯ୍ୟକ୍ରମ କରାଯାଉଛି । ଏହି ଅନୁଷ୍ଠାନଗୁଡ଼ିକ ହେଉଛି- ଆଇଆଇଟି ଭୁବନେଶ୍ୱର, ଏନଆଇଟି ରାଉରକେଲା, ଆଆଇଆଇଟି ଭୁବନେଶ୍ୱର ଓ ପାରଳା ମହାରାଜା ଇଞ୍ଜିନିୟରିଂ କଲେଜ ବ୍ରହ୍ମପୁର ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଥିଲେ। ଓଡ଼ିଶାରେ ଏକ ବିଶ୍ୱସ୍ତରୀୟ ଆଇଟି ପ୍ରଶିକ୍ଷଣ ପ୍ରତିଷ୍ଠାନ ସ୍ଥାପନ ପାଇଁ ଜମି ସହିତ ଅନ୍ୟାନ୍ୟ ସବୁପ୍ରକାରର ସହଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ସେମି କଣ୍ଡକ୍ଟର ଶିଳ୍ପ ପ୍ରତିଷ୍ଠା ପାଇଁ ମଧ୍ୟ କେନ୍ଦ୍ରମନ୍ତ୍ରୀଙ୍କ ସହଯୋଗ ଲୋଡ଼ିଛନ୍ତି । ଓଡ଼ିଶାରେ ଯେପରି ଅଧିକରୁ ଅଧିକ ଆଇଟି କମ୍ପାନୀ ପୁଞ୍ଜିବିନିଯୋଗ କରିବେ ସେଥିପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ସହଯୋଗ ଲୋଡ଼ିଛନ୍ତି । ଓଡ଼ିଶାରୁ ଅଧିକ ଲୋକ ମହାକୁମ୍ଭ ମେଳା-୨୦୨୫ ଦେଖିବାକୁ ଯିବା ସମ୍ପର୍କରେ ମଧ୍ୟ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ସବୁପ୍ରକାରର ସହଯୋଗ ଓ ପ୍ରୋତ୍ସାହନ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ଆଲୋଚନାବେଳେ ଓଡ଼ିଶାରେ ଏବେ ୪୮ଟି ନୂଆ ରେଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲିଛି ଓ ଏଥିରେ ୭୩୭୨୩କୋଟି ଟଙ୍କା ବିନିଯୋଗ କରାଯାଉଥିବା କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ସୂଚନା ଦେଇଥିଲେ । ଏବେ ନିକଟରେ କେନ୍ଦ୍ର କ୍ୟାବିନେଟ୍ ଆଉ ୮ଟି ନୂଆ ପ୍ରକଳ୍ପକୁ ମଧ୍ୟ ଅନୁମୋଦନ କରିଛନ୍ତି । ଆସନ୍ତା ୫ବର୍ଷ ମଧ୍ୟରେ ଓଡ଼ିଶାରେ ଆହୁରି ଅନେକ ନୂଆ ରେଳପ୍ରକଳ୍ପ ହାତକୁ ନିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେବା ସହ ୨୦୧୪ରୁ ୨୦୨୪ ମସିହା ମଧ୍ୟରେ ଓଡ଼ିଶାରେ ୧୮୨୭କିମି ଦୀର୍ଘ ରେଳମାର୍ଗ ନିର୍ମାଣ କରାଯାଇଛି, ଯାହାକି ଶ୍ରୀଲଙ୍କାର ରେଳ ନେଟୱାର୍କଠୁ ଅଧିକ । ଏହି ଅବଧି ମଧ୍ୟରେ ୪୨୭ଟି ରେଳ ଅଣ୍ଡରବ୍ରିଜ୍ ନିର୍ମାଣ କରାଯାଇଛି । ଓଡ଼ିଶାରେ ୬ଟି ବନ୍ଦେ ଭାରତ ଟ୍ରେନ ଚାଲୁଥିବାବେଳେ ଅମୃତ ଷ୍ଟେସନ ଯୋଜନାରେ ୫୯ଟି ଷ୍ଟେସନର ଉନ୍ନତି କରାଯିବ ବୋଲି ଆଲୋଚନାରୁ ଜଣାପଡ଼ିଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂଚନା ଦେଇଛି ।

# ଏଚ୍ଏମ୍ପିଭିର ମୁକାବିଲା ଲାଗି ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି: ସ୍ୱାସ୍ଥ୍ୟମନ୍ତ୍ରୀ



ଭୁବନେଶ୍ୱର,(ଭିଓଭି): ଦେଶରେ ଏଚ୍ଏମ୍ପିଭି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିବା ବେଳେ ଏଯାଏ କିନ୍ତୁ ଓଡ଼ିଶାରେ ଏହାର କୌଣସି ପ୍ରଭାବ ନାହିଁ। ଏଣୁ ଏହାକୁ ନେଇ ଆଦେ ଆତଙ୍କିତ ନହେବାକୁ ପରାମର୍ଶ ଦେଇଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ। ଆଜି ସକାଳେ ସେ ମେଡିକାଲ କଲେଜ୍‌ଗିଡ଼ିକର ଅଧକ୍ଷ ଓ ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଏନେଇ ଆଲୋଚନା କରିଛନ୍ତି। ସେ କହିଛନ୍ତି, ଏଚମପିଭି ଭାଇରସକୁ ନେଇ ସ୍ୱାସ୍ଥ୍ୟ ବିଭାଗ ସଂପୂର୍ଣ୍ଣ ପ୍ରସ୍ତୁତ ଅଛି। କଟକ ଓ ଭୁବନେଶ୍ୱରରେ ଥିବା ଘରୋଇ ଡାକ୍ତରଖାନାମାନଙ୍କୁ ପ୍ରସ୍ତୁତ ରହିବା ଲାଗି କୁହାଯାଇଛି। ମେଡିକାଲରେ ଆବଶ୍ୟକୀୟ ବେଡ୍ ରହିଛି। ସରକାର ପ୍ରସ୍ତୁତ ଅଛନ୍ତି। ଏହା ସିଗନାଲ୍ ଭାଇରସ୍ ହୋଇଥିବାରୁ ଭୟଭୀତ ହୁଅନ୍ତୁ ନାହିଁ। କେନ୍ଦ୍ରସରକାର ଏନେଇ ଯେଉଁ ଗାଇଡଲାଇନ୍ ଆଣିବେ ତାକୁ ପାଳନ କରାଯିବ। ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଆହୁରି କହିଛନ୍ତି, ପ୍ରବାସୀ ଭାରତୀୟ ପାଇଁ ଏମର୍ଜେନ୍ସିରେ ପହଞ୍ଚିବାକୁ ଭୁବନେଶ୍ୱର ଏବଂ କଟକରେ ସମସ୍ତ ସରକାରୀ ଏବଂ ଘରୋଇ ହସ୍ପିଟାଲକୁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଏଥିଲାଗି କୋର୍ଡିନେଟିଙ୍ଗ ଅଫିସର ନିଯୁକ୍ତ ହେବେ। ଜନତା ମୈଦାନ ହେଉ କି ହୋଟେଲ ଯେଉଁଠି ବି କାହାର ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବ, ସଙ୍ଗେ ସଙ୍ଗେ ଚିକିତ୍ସା ଯୋଗାଇ ଦେବାକୁ ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତ। ଏନେଇ ବିଭାଗୀୟ ଅଧିକାରୀଙ୍କ ସହ ବୈଠକ କରି ନିର୍ଦ୍ଦେଶ ଦିଆଯାଇଛି।

# ଚାଷୀଙ୍କୁ ଖୁବ୍‌ଶୀଘ୍ର କ୍ଷତିପୂରଣ ମିଳିବ: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, (ଭିଓଭି): ଅଦିନିଆ ବର୍ଷାର ଶିକାର ହୋଇ ଫସଲ କ୍ଷୟକ୍ଷତିର ସାମ୍ନା କରିଥିବା ଚାଷୀଙ୍କୁ ଖୁବ୍‌ଶୀଘ କ୍ଷତିପୂରଣ ମିଳିବ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ରାଜ୍ୟ ସରକାର ଗତ ଦୁଇ ଦିନ ହେଲା ଚାଷୀମାନଙ୍କୁ ଆର୍ଥିକ ସହାୟତ ପ୍ରଦାନ କରିବା ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ରାଜସ୍ୱ ବିଭାଗ ଜିଲ୍ଲାପାଳମାନଙ୍କୁ ସହାୟତା ରାଶି ପାଇଁ ଟଙ୍କା ପଠାଇ ସାରିଛନ୍ତି। ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ଚାଷୀମାନଙ୍କୁ ଜଳସେଚିତ ଜମିର କ୍ଷୟକ୍ଷତି ପାଇଁ ହେକ୍ଟର ପିଛା ୧୫,୦୦୦ ଟଙ୍କା ଓ ଅଣଜଳସେଚିତ ଜମି ପାଇଁ ୭,୫୦୦ ଟଙ୍କା କ୍ଷତିପୂରଣ ପ୍ରଦାନ କରୁଛନ୍ତି। ଜିଲ୍ଲାପାଳମାନେ ଦେଇଥିବା ରିପୋର୍ଟ ଅନୁସାରେ ରାଜ୍ୟର ଚାଷୀମାନେ ୨୯୨ କୋଟି ଟଙ୍କା କ୍ଷୟକ୍ଷତିର ସାମ୍ନା କରିଛନ୍ତି। ଅଦିନିଆ ବର୍ଷା ପାଇଁ ରାଜ୍ୟର ୧୪ଟି ଜିଲ୍ଲାର ଚାଷୀ କ୍ଷୟକ୍ଷତିର ସାମ୍ନା କରିଛନ୍ତି। ଦୁଇଟି ଜିଲ୍ଲାର ଚାଷୀ ଆଂଶିକ କ୍ଷତିର ସାମ୍ନା କରିଛନ୍ତି। ଚାଷୀମାନଙ୍କୁ ଜଳସେଚିତ ଜମିର କ୍ଷୟକ୍ଷତି ପାଇଁ ହେକ୍ଟର ପିଛା ୧୫,୦୦୦ଟଙ୍କା ଓ ଅଣଜଳସେଚିତ ଜମି ପାଇଁ ୭,୫୦୦ ଟଙ୍କା କ୍ଷତିପୂରଣ ପ୍ରଦାନ କରୁଛନ୍ତି। ଜିଲ୍ଲାପାଳମାନେ ଦେଇଥିବା ରିପୋର୍ଟ ଅନୁସାରେ ରାଜ୍ୟର ଚାଷୀମାନେ ୨୯୨ କୋଟି ଟଙ୍କା କ୍ଷୟକ୍ଷତିର ସାମ୍ନା କରିଛନ୍ତି।

# ରାୟଗଡା ଜଗନ୍ନାଥପୁର ଚେକ୍-ଡ୍ୟାମ୍ : ଚାଷୀମାନଙ୍କ କାମରେ ବ୍ୟବହାର ହୋଇପାରୁନାହିଁ



ରାୟଗଡା, (ଭିଓଭି): ରାୟଗଡ଼ା ଜିଲ୍ଲା ଅନ୍ତର୍ଗତ କୋଲନରା ବ୍ଲକ ର କୈଳାସପୁର ଗ୍ରାମ ପଞ୍ଚାୟତର କେଉଁଝରି ଗାଁ ପାଖରେ ଥିବା କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ର ଚେକ୍ ଡ୍ୟାମ୍ ଚାଷୀଙ୍କ କୌଣସି କାମରେ ଆସୁନାହିଁ । ଫଳରେ ଚାଷୀ ମାନେ ନିଜ ଚାଷ ଜମିକୁ ପାଣି ନ ମାଡିବା ଯୋଗୁଁ ନାହିଁ ନ ଥିବା ହଇରାଣ ହେଉଥିବା ଦେଖିବାକୁ ମିଳିଛି । ଏମିତିକି ଚାଷ ସମୟରେ ଭଡ଼ା ଆକାରରେ ମଟର ଲଗେଇ ନିଜ ଚାଷ ଜମିକୁ ପାଣି ନିଷ୍କାସନ ବ୍ୟବସ୍ଥା କରି ଅଧିକ ଖର୍ଚ୍ଚାନ୍ତ ହେଉଥିବା କିଛି ଚାଷୀ ପ୍ରକାଶ କରିଛନ୍ତି । ସୂଚନା ମୁତାବକ, ମୁକୁନ୍ଦପୁର ଅଞ୍ଚଳର ଚାଷୀ ମାନଙ୍କ ସୁବିଧା ଦୃଷ୍ଟିରୁ କୈଳାଶପୁର ଗ୍ରାମ ପଞ୍ଚାୟତର କେଉଁଝରି ଗାଁ ପାଖରେ ଜଗନ୍ନାଥ ପୁର କ୍ଷୁଦ୍ର ଜନସେଚନ ପ୍ରକଳ୍ପ ନାମରେ ଜଳ ସେଚନ ବିଭାଗ ତରଫରୁ ବହୁତ ବର୍ଷରୁ ଉର୍ଦ୍ଧ ହେବ ପ୍ରାୟ କୋଟିଏ ଟଙ୍କା ବ୍ୟୟରେ ଚେକ୍ ଡ୍ୟାମ୍ ନିର୍ମାଣ କରାଯାଇଥିଲା । ଶହ ଶହ ଏକର ଚାଷ ଜମିକୁ ପାଣି ସୁବିଧା ହୋବ ବୋଲି ଉକ୍ତ ଡ୍ୟାମ୍ ନିର୍ମାଣ ହେବା ପରେ ଅଞ୍ଚଳର ଚାଷୀଙ୍କ ମଧରେ ଖୁସିର ଲହରୀ ଖେଳି ଯାଇଥିଲା । ତଳ ମୁଣ୍ଡରେ ଥିବା ଶହ ଶହ ଏକର ଚାଷ ଜମିକୁ ଜଳ ସେଚନର ସୁବିଧା ହେବା ସହ ବିଭିନ୍ନ ପ୍ରକାର ଚାଷ ର ସୁବିଧା ମିଳିବା ନେଇ ଚାଷୀ ମାନେ ଆସାବାନ୍ଧି ଥିଲେ । କିନ୍ତୁ ସମୟ କ୍ରମେ ଚାଷୀ ମାନଙ୍କ ସମସ୍ତ ଆଶା ମଉଳି ଯାଇଥିବା ଦେଖିବାକୁ ମିଳିଛି । ଉକ୍ତ ଡ୍ୟାମ୍ ରେ ଫାଟ ସୃଷ୍ଟି ହୋଇ ପଙ୍କ ଜମା ହୋଇ ଚାଷ ଜମିକୁ ପାଣି ନିଷ୍କାସନ ହୋଇ ପାରୁ ନାହିଁ । ବହୁବାର ଦାବି ପରେ ୨୦୧୭-୧୮ ମସିହାରେ ଜଣେ ଠିକାଦାର ଡ୍ୟାମ୍ ର ମରାମତି କରି ନିଜର ପକେଟ ଗରମ କରିବା ସାଧାରଣ ରେ ଅଭିଯୋଗ ହୋଇଛି । ନିମ୍ନ ମାନର ମରାମତି କାର୍ଯ୍ୟ ଯୋଗୁଁ ବର୍ତ୍ତମାନ ଯେମିତି ଅବସ୍ଥାକୁ ସେମିତି ଅବସ୍ଥା ରହିଛି । ଉକ୍ତ ଡ୍ୟାମ୍ ଠାରୁ ଚାଷ ଜମିକୁ ସଂଯୋଗ ନିମନ୍ତେ ରହିଥିବା କେନାଲ ମଧ ବହୁ ସ୍ଥାନରେ ଭାଙ୍ଗି ଯାଇଛି । ଗୋଟେ ପଟେ ଚେକ୍ ଡ୍ୟାମ୍ ରେ ଫାଟ ଯୋଗୁଁ ପାଣି ଲିକେଜ୍ ସମସ୍ୟା ଓ ଅନ୍ୟ ପଟେ କେନାଲର ଶୋଚନୀୟ ଅବସ୍ଥା ଯୋଗୁଁ ଚଳିତ ବର୍ଷ ବର୍ଷା ଦିନ ମଧ ଚାଷୀଙ୍କ ଜମିକୁ ପାଣି ଯାଇପାରି ନଥିଲା । ଫଳରେ ଆଉ କୌଣସି ଉପାୟ ନପାଇ ଚାଷୀ ମାନେ ବାଧ ହୋଇ ଭଡ଼ା ଆକାରରେ ମଟର ଲଗେଇ ନିଜ ନିଜ ଚାଷ ଜମିକୁ ପାଣିର ବ୍ୟବସ୍ଥା କରି ଅଧିକ ଖର୍ଚ୍ଚାନ୍ତ ହୋଇଥିବା ବେଳେ ବହୁ କ୍ଷୁଦ୍ର ଚାଷୀ ମାନଙ୍କ ଚାଷ ଜମିରେ ପାଣିର ସୁବିଧା ନ ମିଳିବାରୁ ଚାଷ କାର୍ଯ୍ୟ ହୋଇପାରି ନ ଥିଲା । ଖାସ୍ କରି ଉକ୍ତ ଚେକ୍ ଡ୍ୟାମ୍ କେଉଁଝରି ଗ୍ରାମରେ ହୋଇଥିବା ବେଳେ ସେହି ଗ୍ରାମର ଚାଷୀ ପାଣି ପାଇବାରୁ ବଞ୍ଚିତ ହୋଉଛନ୍ତି । ଉକ୍ତ ଚାଷୀଙ୍କ ସମସ୍ୟା ନେଇ କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ସେଟି ଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ କି ପ୍ରୋଜେକ୍ଟ ପ୍ରୋପସାଲ ମରାମତି ପାଇଁ ଦେଇଛୁ ବୋଲି କହିଥିଲେ । ତେଣୁ ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେଇ ଚାଷୀ ମାନଙ୍କ ସୁବିଧା ଦୃଷ୍ଟିରୁ ତୁରନ୍ତ ମରାମତି କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳର ଚାଷୀ ମାନେ ଦାବି କରିଛନ୍ତି ।

# ଦାନଗଦିରେ ପିଚୁ-ରାସ୍ତା ଫାଟିବାରୁ ଜନସାଧାରଣ ହନ୍ତସନ୍ତ



କଳିଙ୍ଗନଗର (ଭିଓଭି): ଦାନଗଦିରେ ନିର୍ମାଣ ବିଭାଗ ପକ୍ଷରୁ ହେଉଥିବା ରାସ୍ତା ନିର୍ମାଣ ଅତ୍ୟନ୍ତ ନିମ୍ନମାନର । ବିପର୍ଯ୍ୟସ୍ତ ରାସ୍ତାର ଉନ୍ନତୀକରଣ ପାଇଁ କୋଟିକୋଟି ଟଙ୍କା ବ୍ୟୟ କରାଯାଉଛି । କେଉଁଠି କଂକ୍ରିଟ୍ କରାଯାଉଛି ତ ଅନ୍ୟ କେଉଁଠି ପିଚୁ ରାସ୍ତା କରାଯାଉଛି । ହେଲେ କାମ ସମ୍ପୂର୍ଣ୍ଣ ହେବାର ଦିନ କେଇଟାରେ ରାସ୍ତା ଫାଟି ଆଁ କରୁଛି । ଯାତାୟାତ ବେଳେ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦାନଗଦି ବ୍ଲକ୍ ?ର ବିଭିନ୍ନ ପଞ୍ଚାୟତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାରେ ଏଭଳି ଦେଖିବାକୁ ମିଳୁଛି । ସୂଚନା ମୁତାବକ, ୧୬ ନମ୍ବର ଜାତୀୟ ରାଜପଥର ଦାନଗଦି ଛକ ଠାରୁ ବଙ୍ଗୋରକୋଟା ପର୍ଯ୍ୟନ୍ତ ରାସ୍ତା ଉନ୍ନତୀକରଣ କାର୍ଯ୍ୟ ଗତ ୪ବର୍ଷ ତଳୁ ଶେଷହୋଇଛି । ନିମ୍ନମାନର କାମ ଯୋଗୁଁ ପିଚୁ ରାସ୍ତା ନିର୍ମାଣର ଦିନ କେଇଟାରେ ରାସ୍ତା ବିଭିନ୍ନ ସ୍ଥାନରେ ସବୁ ଫାଟି ଆ କରିଛି । ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ୪ ବର୍ଷ ପୂର୍ବରୁ ଶେଷ ହୋଇଛି । ଏହି ରାସ୍ତାର ନୂଆଗାଁ ଠାରୁ ରଣାଗୁଣ୍ଡି ମଧ୍ୟରେ ରାସ୍ତା ଫାଟି ୨ଶହ ମିଟର ଫାଟ ସୃଷ୍ଟି ହୋଇଛି । ସାଇକଲରେ ଯାଉଥିବା ଲୋକେ,ମଟର ସାଇକେଲ ଓ ସ୍କୁଲ୍ ଛାତ୍ରଛାତ୍ରୀ ଏହି ଫାଟ ଗୁଡ଼ିକ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କୋଟିକୋଟି ଟଙ୍କା ବ୍ୟୟ ବରାଦରେ ନିର୍ମାଣ କରାଯାଉଥିବା ଏହି ରାସ୍ତାଗୁଡ଼ିକ ମାତ୍ର କେଇଟା ବର୍ଷରେ କାହିଁକି ନଷ୍ଟ ହୋଇଯାଉଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ନିୟମ ଅନୁଯାୟୀ ଏହାର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ସରକାର ୫ବର୍ଷ ଥିଲା କିନ୍ତୁ ଠିକାଦାର ମନମାନୀ କରି ପଇସା ଆତ୍ମସାତ କରିଥିଲେ ।ଫଳରେ ଆଜିକା ଦିନରେ ଜନ ସାଧାରଣ କଷ୍ଟ ପାଉଛନ୍ତି ।ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ହତାଶ ଚାଷୀ ବେପାରୀଙ୍କୁ ଧାନ ବିକୁଛନ୍ତି

ଜଗତସିଂହପୁର , (ଭିଓଭି): ଜଗତସିଂହପୁର ଜିଲ୍ଲାରେ ଲଘୁଚାପ ଜନିତ ବର୍ଷା ଯୋଗୁଁ ପ୍ରାୟ ୪୦ ଭାଗ ଧାନ ଫସଲ ନଷ୍ଟ ହୋଇଥିବା ସମୟରେ ଅବଶିଷ୍ଟ ଧାନ ଅମଳ କରିବା କାଠିକାରପାଟ ହୋଇଛି । ଏପର୍ଯ୍ୟନ୍ତ କିଆରୀରୁ ପାଣି ସୁଖୀନଥିବା ସମୟରେ ନିରୁପାୟ ଚାଷୀମାନେ ଧାନକଟା ମେସିନ ସାହାଯ୍ୟରେ ଧାନ କାଟିବା ପାଇଁ ମିନିଟକୁ ୫୦ ଟଙ୍କା ଦେବା ସହିତ ଟ୍ରାକ୍ଟରରେ ଧାନ ବୋହିବା ପାଇଁ ଖର୍ଚ୍ଚାନ୍ତ ହେଉଛନ୍ତି । ଏଭଳି ସ୍ଥିତିରେ ଧାନ ଅମଳ କରିବା ପାଇଁ ଚାଷୀମାନେ ବ୍ୟବସାୟ ମାନଙ୍କ ଠାରୁ ଆଗୁଆ ଟଙ୍କା ଉଠାଇ କମ ଦାମରେ ଧାନ ବିକ୍ରି କରିବା ପାଇଁ ବାଧ ହେଉଛନ୍ତି । ଅପରପକ୍ଷରେ ଧାନ ମଣ୍ଡି ଖୋଲିବା ପାଇଁ ବିଳମ୍ବ ହେଉଛି ।




ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଜିଲ୍ଲା କୃଷି ଅଧିକାରୀ, ଜିଲ୍ଲା ପ୍ରଶାସନ, ଚାଷୀ ଓ ମିଲର ମାନଙ୍କର ସହମତିରେ ଧାନ ସଂଗ୍ରହ କମିଟି ମଣ୍ଡି ଖୋଲିବାର ତାରିଖ ପରିବର୍ତ୍ତନ କରିଛି । ମିଳିଥିବା ସୂଚନା ଅନୁସାରେ ରାଜ୍ୟକୁ ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ କମିଟି ଅବଗତ କରିବା ପରେ ଜିଲ୍ଲାର ଚାଷୀ ମାନଙ୍କୁ ୧୦ ଜାନୁଆରୀ ପରେ ଟୋକାନ ଇସୁ କରାଯିବାର ବ୍ୟବସ୍ଥା କରାଯାଇଛି । ପୂର୍ବ ଘୋଷଣା ଅନୁସାରେ ରଘୁନାଥପୁର, ତିର୍ତ୍ତୋଲ ଓ କୁଜଙ୍ଗ ବ୍ଲକରେ ନିର୍ଦ୍ଧାରିତ ମଣ୍ଡି ଖୋଲିବା ସମୟ ୮ ତାରିଖ ପରିବର୍ତ୍ତେ ୧୭ ତାରିଖ କରାଯାଇଛି । ସେହିଭଳି ନାଉଗାଁ, ବାଲିକୁଦା, ଜଗତସିଂହପୁର, ବିରିଡି ଓ ଏରସମା ବ୍ଲକରେ ମଣ୍ଡି ଖୋଲିବା ୧୫ ଜାନୁଆରୀ ପରିବର୍ତ୍ତେ ୨୧ ଜାନୁଆରୀକୁ ଘୁଞ୍ଚି ଯାଇଛି । ବର୍ଷା ଯୋଗୁଁ ମାଡ଼ ଖାଇଥିବା ଧାନର ରଙ୍ଗ ବଦଳି ଯିବା ଓ ପୁନର୍ବାର ପାଗ ପରିବର୍ତ୍ତନ ହେବାର ଆଶଙ୍କା ଥିବାରୁ ଭୟଭୀତ ଚାଷୀ କମ ଦାମରେ ବେପାରୀଙ୍କୁ ଧାନ ବିକ୍ରିକରିବା ପାଇଁ ବାଧ ହେଉଛନ୍ତି ।

# ଗୋଷ୍ଠୀ ଯୋଗାଣ ଅଧିକାରୀ ଓ ଛତୁଆ ଯୋଗାଣକାରୀ ସଂସ୍ଥା ମଧରେ ମଧୁଚନ୍ଦ୍ରିକା

## ନିମ୍ନମାନର ଛତୁଆ ସହ ଓଜନରେ ଠକେଇ କରି ଲକ୍ଷଲକ୍ଷ ଟଙ୍କା ହରିଲୁଟ୍



କେନ୍ଦ୍ରାପଡ଼ା (ଭିଓଭି): ରାଜନଗର ବ୍ଲକରେ ଛତୁଆ କେଳେଙ୍କାରୀର ଅଭିଯୋଗ ଜିଲ୍ଲାପାଳ ନିକଟରେ କରାଯାଇଛି । ଛତୁଆ କେଳେଙ୍କାରି ଲମ୍ବିବାରେ ଲାଗିଛି । ଛତୁଆ କେଳେଙ୍କାରୀ କରି ଛତୁଆ ଯୋଗାଣକାରୀ ସଂସ୍ଥା ନିମ୍ନମାନର ଓ କମ ଓଜନ ଛତୁଆ ବଂଟନ କରି ଲକ୍ଷ ଲକ୍ଷ ଟଙ୍କା ହଡପ କରୁଥିବା ବେଳେ ହିତାଧିକାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଅଭି ଅଭିଯୋଗ ହୋଇଛି । ରାଜନଗର ବ୍ଲକର ସାତଭାୟା ପଞ୍ଚାୟତ ମଗରକନ୍ଦା ଗ୍ରାମରେ ହିତାଧିକାରୀ ମାନଙ୍କୁ ବଂଟନ ହୋଇଥିବା ଶୁଖିଲା ଖାଦ୍ୟ ( ସୁଜି ହାଲୁଆ )ରେ ପୋକ ସାଲୁବାଲୁ ହେଉଥିବା ଅଭି ଅଭିଯୋଗ ହୋଇଛି । ଏହି ଗାଁରେ ଥିବା ଅଙ୍ଗନବାଡି କେନ୍ଦ୍ର ଅଧିନରେ ଶୁଖିଲା ଖାଦ୍ୟ (ଟିଏଚଆର) ନେଉଥିବା ଥିବା ୬ମାସରୁ ୩ବର୍ଷ ଶିଶୁ ୫୯ଜଣ ଅଛନ୍ତି । ଗର୍ଭବତୀ ମା ୮୧ ୮ଜଣ ଥିବା ବେଳେ ପ୍ରସୂତୀ ମା ୭ଜଣ ଅଛନ୍ତି । କିଶୋରୀ ବାଳିକା ୩୦ଜଣ ରହିଛନ୍ତି । ମଗରକନ୍ଦା ଗ୍ରାମର ରମେଶ ମଳିକଙ୍କ ଅଭିଯୋଗ ଅନୁଯାୟୀ ଛତୂଆରେ ବହୁ ପରିମାଣରେ ଚଷୁ ବାହାରିବା ସହିତ ଶୁଖିଲା ସୁଜି ହାଲୁଆରେ ପୋକ ଦେଖିବାକୁ ପାଇଥିଲେ । ଏକା ରମେଶ ନୁହଁନ୍ତି, ଏହି ଗ୍ରାମର ସୁଦାମ ମଳିକ ଓ ଯୋଗେନ୍ଦ୍ର ମଳିକ ମଧ୍ଯ ସମାନ ଅଭିଯୋଗ ଆଣିଛନ୍ତି । ହିତାଧିକାରୀଙ୍କ ଅଭିଭାବକମାନେ ଅଙ୍ଗନବାଡି କର୍ମୀଙ୍କୁ ଜଣାଇବା ପରେ କର୍ମୀ ସତ୍ୟପ୍ରିୟା ନାୟକ ସୁପରଭାଇଜରଙ୍କୁ ଅବଗତ କରାଇଥିଲେ । ସୁପରଭାଇଜର ବିଜୟାଲକ୍ଷ୍ମୀ ସ୍ୱାଇଁ ହିତାଧିକାରୀମାନଙ୍କ ସହିତ ଆଲୋଚନା କରିବା ପରେ ସତ୍ୟ ଜାଣି ପାରିଥିଲେ । ଏ ନେଇ ଉଚ୍ଚ ପଦାଧିକାରୀଙ୍କୁ ଜଣାଇବେ ବୋଲି ସୁପରଭାଇଜର ଶ୍ରୀମତୀ ସ୍ୱାଇଁ ସୂଚନା ଦେଇଛନ୍ତି । । ସୂଚନା ଥାଉକି, ରାଜନଗର ବ୍ଲକରେ ୨୭୪ଟି ଅଙ୍ଗନବାଡି କେନ୍ଦ୍ର ରହିଛି । ମା ବୁଢୀ ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ବାଲିଚନ୍ଦ୍ରପୁର ୧୯୧ କେନ୍ଦ୍ର ଓ ମା ବିଶାଳକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ଉଦ୍ୟାନ ୮୩ଟି କେନ୍ଦ୍ରକୁ ଛତୁଆ ଯୋଗାଇ ଆସୁଥିଲେ । ସେମାନଙ୍କ ବିରୁଦ୍ଧରେ ଅନିୟମିତତା ଅଭିଯୋଗ ହୋଇ ଆସୁଥିଲା । ତାଙ୍କ ବଦଳରେ ଆଳି ବ୍ଲକର ମା ଦୁର୍ଗା ସ୍ୱୟଂ ସହାୟକ ବେଲାରୀ ଓ ମହାକାଳପଡା ବ୍ଲକର ଶ୍ରୀ ଶ୍ରୀ ପୁରୁଷୋତମ ସ୍ୱୟଂ ସହାୟକ ବଉଳପଡା ଛତୁଆ ଯୋଗାଉଛନ୍ତି । ଏ କଥା ଖାଲି ରାଜନଗର ବ୍ଲକରେ ସୀମିତ ନରହି ଜିଲ୍ଲାପାଳଙ୍କ ନଜରକୁ ଆଣିଛନ୍ତି ପୂର୍ବତନ ସରପଞ୍ଚ ରମେଶ ପାଲ ଓ କିଛି ୱାର୍ଡ ମେମ୍ବରଙ୍କ ସହିତ ଅବିଭାବକ ମାନେ । ସମସ୍ତ ଅଭିଯୋଗକାରି ଖାଲି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗରେ ସୀମିତ ରଖିନାହାନ୍ତି ବରଂ ଜିଲ୍ଲାପାଳଙ୍କ ଆଗରେ ଛତୁଆ ପ୍ୟାକେଟ ଓଜନ କରି ଦେଖାଇଥିଲେ । ସୁଜି ହାଲୁଆ ଉପରେ ଲେଖା ଯାଇଥିବା ଓଜନ ସହ ପ୍ୟାକେଟରେ ଥିବା ଓଜନରେ ତାଳ ମେଳ ରହିଲା ନାହିଁ । ଯଦି ଏହି ପରି ଭାବେ ଗୋଟେ ଗୋଟେ ଛତୁଆ ଓ ସୁଜି ହାଲୁଆ ପ୍ୟାକେଟରେ ୨୦୦ ଗ୍ରାମ ରୁହେ ଆପଣମାନେ ବିଚାର କରନ୍ତୁ କେତେ ଟଙ୍କା ଲୁଟି ଚାଲିଛନ୍ତି ଯୋଗାଣକାରୀ ସଂସ୍ଥାମାନେ ।

# ଛଞ୍ଚାଣ

**ଜୀବଜଗତ**



କାର୍ତ୍ତିକ ଚନ୍ଦ୍ର ପଣ୍ଡା

ଆକାଶର ରାଜା କୁହାଯାଉଥିବା ଇଗଲକୁ ପଛରେ ପକାଇ, କ୍ଷିପ୍ର ଗତିରେ ଉଡାଣ ଭରିବାର କ୍ଷମତା ଛଞ୍ଚାଣର ରହିଛି । ଇଗଲର ସର୍ବାଧିକ ଗତି, ଘଣ୍ଟାପ୍ରତି ୩୨୦ କିଲୋମିଟର ଥିଲାବେଳେ, ଛଞ୍ଚାଣ ୩୮୯ କିଲୋମିଟର ବେଗରେ ଉଡିଯାରେ । ଆଶ୍ଚର୍ଯ୍ୟ ଚକିତ କଲାଭଳି ଉଡାଣ କୌଶଳ ପ୍ରଦର୍ଶନ କରୁଥିବା ଏହି ପକ୍ଷୀଟି, ମଝି ଆକାଶରେ ୩୬୦ ଡିଗ୍ରୀ ପର୍ଯ୍ୟନ୍ତ ଦିଗ ପରିବର୍ତ୍ତନ କରିପାରେ ଅଥବା ବିଜୁଳି ବେଗରେ ତଳକୁ ଖସି ଶିକାରକୁ ଝାମ୍ପି ନେଇପାରେ ।

ଛଞ୍ଚାଣ ନିଜ ଶରୀରର ଅଧିକ ଓଜନର ପକ୍ଷୀ ଓ ପଶୁମାନଙ୍କୁ ଅକ୍ଲେଶରେ ଶିକାର କରିପାରେ। ସର୍ବାଧିକ ଉଡାଣ କ୍ଷମତା ଥିବା ଏହି ପକ୍ଷୀଟିର ସାଧାରଣତଃ କେହି ପ୍ରତିଦ୍ୱନ୍ଦୀ ନଥାନ୍ତି । ବେଳେବେଳେ ଏହା ଇଗଲକୁ ମଧ ଆକ୍ରମଣ କରିବାକୁ ପଛାଇ ନଥାଏ । ବପୁବନ୍ତ ଇଗଲ, ବାଜପକ୍ଷୀ ସହିତ ଲଢ଼ିବାକୁ ପସନ୍ଦ ନକରି କେବଳ ଆତ୍ମରକ୍ଷା ମୂଳକ କୌଶଳ ଆପଣାଇ ଥାଏ ।

ଛଞ୍ଚାଣ ବା ବାଜପକ୍ଷୀ ଏକ ଶିକାରୀ ଓ ମାଂସାହାରୀ ପକ୍ଷୀ । ଏହାକୁ ଇଂରାଜୀରେ ଫାଲକନ, ହିନ୍ଦୀରେ ବିହିରୀ, ଓ ବଙ୍ଗଳାରେ ଶ୍ୱେନପକ୍ଷୀ ଅଥବା ବାଜପକ୍ଷୀ କହିଥାନ୍ତି । ଏହାର ବୈଜ୍ଞାନିକ ନାମ Falco Peregrinus । କେବଳ ଆଣ୍ଟାର୍କଟିକା ଅଞ୍ଚଳକୁ ବାଦଦେଲେ ଏମାନେ ସର୍ବତ୍ର ଦୃଶ୍ୟମାନ ହୁଅନ୍ତି । ସାରା ବିଶ୍ୱରେ ଏମାନଙ୍କର ୪୦ ରୁ ଅଧିକ ପ୍ରଜାତି ଦେଖିବାକୁ ମିଳେ ।

ଆମେରିକାନ କେଷ୍ଟ୍ରେଲ ସବୁଠାରୁ ଛୋଟ ଛଞ୍ଚାଣ , ମାତ୍ର ୧୮୦ ଗ୍ରାମର ହୋଇଥିବା ବେଳେ ପେରେଗ୍ରାଇନ ଫାଲକନ ୧୫୦୦ ଗ୍ରାମ ପର୍ଯ୍ୟନ୍ତ ହୋଇଥାଏ । ବାଜ,ଶ୍ୱେନ,ଚିଲ, ଓ ଛଞ୍ଚାଣ ଆଦି ପକ୍ଷୀ ଗୋଟିଏ ପରିବାର ହୋଇଥିଲେ ବି ଏମାନଙ୍କ ଶାରୀରିକ ଗଠଣରେ ସାମାନ୍ୟ ତାରତମ୍ୟ ଥାଏ। ଏମାନଙ୍କ ଉଡାଣ ଓ ଶିକାର କୌଶଳ ଅଲଗା ଅଲଗା ହୋଇଥାଏ । ତେବେ ପ୍ରଜାତିଭେଦରେ ସମସ୍ତ ମାତାପକ୍ଷୀର ଆକାର ପୁରୁଷ ପକ୍ଷୀ ଠାରୁ ବଡ଼ ହୋଇଥାଏ ।

ଲମ୍ବା ମଝବୁତ ବେକ, ଛାତିରେ ଶକ୍ତ ମାଂଶପେଶୀ, ହୁକାକୃତି ଥଣ୍ଟ, ବଡ ଆଖି ,ଓ ତୀକ୍ଷ୍ଣ ପଞ୍ଝା ଏମାନଙ୍କୁ ଶିକାର ଉପଯୋଗୀ କରି ଗଢିଥାଏ । ଧଳା ପାଉଁସିଆ ରଙ୍ଗ, ପେଟରେ କଳା ଓ ଧଳା ଚିହ୍ନ ପେରେଗ୍ରାଇନ ଛଞ୍ଚାଣର ବିଶେଷତ୍ୱ । ସବୁଠାରୁ କ୍ଷୁଦ୍ର ଛଞ୍ଚାଣର ପକ୍ଷର ଲମ୍ବ ୨୦ ସେମି ହୋଇଥିଲା ବେଳେ ବୃହତକାୟ ଛଞ୍ଚାଣ ପକ୍ଷର ଲମ୍ବ ୬୫ ସେମି ପର୍ଯ୍ୟନ୍ତ ହୋଇଥାଏ । ଏମାନଙ୍କ ଦୃଷ୍ଟିଶକ୍ତି ମଣିଷଠାରୁ ୨.୬ ଗୁଣା ଅଧିକ ହୋଇଥାଏ । ଦୁଇ କିଲୋମିଟର ଦୂରରୁ ଛଞ୍ଚାଣ ସ୍ପଷ୍ଟ ଦେଖିପାରେ ଓ ସେ ଏକକାଳୀନ ଅଲଗା ଅଲଗା ୩ ଟି ବସ୍ତୁ ଉପରେ ଦୃଷ୍ଟି ନିବଦ୍ଧ କରିପାରେ ।

ସୁଇଡେନର ବିଶିଷ୍ଟ ପ୍ରକୃତି ବିଜ୍ଞାନୀ କାର୍ଲ ଲିନ୍ସ ସର୍ବ ପ୍ରଥମେ ୧୭୫୮ ମସିହାରେ ଏହି ପକ୍ଷୀ ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ କରିଥିଲେ । ପୁରୁଷ ଓ ମାତା ଛଞ୍ଚାଣଙ୍କର ଶାରୀରିକ ଗଠନ ଏକାଭଳି ହୋଇଥିଲେ ହେଁ ମାତା ଛଞ୍ଚାଣ ଦେଖିବାକୁ ଅପେକ୍ଷାକୃତ ବଡ଼ ଓ ପୁରୁଷ ପକ୍ଷୀ ଠାରୁ ୩୦ ପ୍ରତିଶତ ବଡ ହୋଇଥାଏ । ଏମାନେ ଉଚ୍ଚ ପର୍ବତ ଶୀଖର, ନଦୀ ଅବବାହିକା ନିକଟସ୍ଥ ବଡ଼ବଡ଼ ବୃକ୍ଷ, ମରୁଭୂମି ଏପରିକି ସହରର ନଭଶ୍ଚୁମ୍ବୀ ପ୍ରାସାଦରେ ବସା ତିଆରି କରନ୍ତି। ମାର୍ଚ୍ଚ ମାସରେ ମାତା ଫାଲକନ ୨/୩ ଦିନ ବ୍ୟବଧାନରେ ୩ ରୁ ୫ ଟି ଅଣ୍ଡା ଦିଏ । ଅଣ୍ଡା ଫୁଟି ଶାବକ ଜନ୍ମ ହେବାକୁ ୨୯ ରୁ ୩୨ ଦିନ ସମୟ ଲାଗେ । ପକ୍ଷୀ ଯୁଗଳ ମିଳିମିଶି ଅଣ୍ଡା ଓ ଶାବକଙ୍କ ଜନ୍ନ ନିଅନ୍ତି । ଏମାନେ ଏକପତ୍ନୀକ ଓ ସାରାଜୀବନ ଏକାଠି ରହନ୍ତି । ପ୍ରାକୃତିକ ପରିବେଶରେ ଏମାନଙ୍କ ଜୀବନ କାଳ ୧୭ ରୁ ୨୦ ବର୍ଷ ।

ୟୁଏଇ ଦେଶର ଏହା ଜାତୀୟ ପକ୍ଷୀର ମାନ୍ୟତା ପାଇଛି ଓ ସେ ଦେଶରେ ଲୋକମାନେ ଏହି ଶିକାରୀ ପକ୍ଷୀକୁ ଘରେ ପୋଷିବାକୁ ପସନ୍ଦ କରନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହି ପକ୍ଷୀକୁ ବିଭିନ୍ନ ଦେଶର ସେନାବାହିନୀରେ ଉପଯୋଗ କରାଯାଉଥିଲା। ଶତ୍ରୁଦେଶର ଗୁପ୍ତ ସନ୍ଦେଶ ବହନ କରି ଯାଉଥିବା ପାରାକୁ ଧରିବା ପାଇଁ ଛଞ୍ଚାଣର ସହାୟତା ନିଆ ଯାଉଥିଲା । ଏହାକୁ ସିକାଗୋ ସହରର ସିଟିବାର୍ଡ଼ ଭାବେ ଘୋଷିତ କରାଯାଇଛି । ପରଦେଶୀ ଛଞ୍ଚାଣ (peregrine falcon)ର ଉଡାଣ କ୍ଷମତା ସର୍ବୋତ୍ତମ । ଏହା ଏକାଦିକ୍ରମେ ୮ ଘଣ୍ଟା ଆକାଶରେ ଉଡି ୨୫୦୦ କିଲୋମିଟର ଆକାଶପଥ ଅତିକ୍ରମ କରିପାରେ ।

ଛଞ୍ଚାଣର ଶିକାର କୌଶଳ ମଧ ଅଭୁତପୂର୍ବ। ଏହା ବହୁ ଉଚ୍ଚରେ ଉଡି ପ୍ରଥମେ ତଳେ ଉଡୁଥିବା ପକ୍ଷୀମାନଙ୍କ ଭିତରୁ ଗୋଟିଏକୁ ନିଶାଣ କରେ । ଗୋଡ଼ ଦୁଇଟି ସହିତ ପକ୍ଷକୁ ସମାନ୍ତରାଳ ଭାବେ ପଛକୁ ରଖି ତୀବ୍ର ଗତିରେ ଶିକାର ଉପରକୁ ଝାମ୍ପି ପଡ଼େ । ଶିକାରର ଗୋଟିଏ ଡେଣାକୁ ଶକ୍ତ ଆଘାତ ଦେଲାପରେ ଶିକାର ଉଡିବା ଶକ୍ତି ହରାଏ । ଛଞ୍ଚାଣ ନିଜର ଶକ୍ତିଶାଳୀ ପଞ୍ଝା ସାହାଯ୍ୟରେ ଶିକାରକୁ ଧରି ପ୍ରଥମେ ତାର ବେକକୁ ଆଘାତ କରି ମାରିଦିଏ।

ଜଳଭାଗରେ ସନ୍ତରଣ କରୁଥିବା ପକ୍ଷୀମାନେ ଛଞ୍ଚାଣର ସହଜ ଶିକାର ହୁଅନ୍ତି । ନିଜ ଶରୀର ଠାରୁ ଅପେକ୍ଷାକୃତ ବଡ଼ ବତକ, ହଂସ ଆଦିକୁ ଛଞ୍ଚାଣ ଆକାଶରୁ କୁଣ୍ଡଳି ମାରି ଜଳଭାଗରେ ହିଁ ଆକ୍ରମଣ କରେ ଓ ମୁହୂର୍ତ୍ତକ ମଧ୍ୟରେ ଶିକାରର ମସ୍ତିଷ୍କକୁ ସଲଗ୍ନ କରୁଥିବା ମେରୁଅସ୍ଥିକୁ ଆଘାତ କରି ଶିକାରର ମୃତ୍ୟୁ ଘଟାଏ । ଏହାପରେ ଶିକାରକୁ ପଞ୍ଝାରେ ଧରି ଦୁଇ ଡେଣା ସାହାଯ୍ୟରେ ସନ୍ତରଣ କରି, ଏହା କୂଳକୁ ଆସେ ଓ ଆରାମରେ ଭକ୍ଷଣ କରେ।

ଘଞ୍ଚ ଜଙ୍ଗଲ ମଧ୍ୟରେ ଏପରିକି ଦୁଇଗଛ ମଝିରେ ଥିବା ସ୍ୱଳ୍ପ ପରିମିତ ସ୍ଥାନରେ ଛଞ୍ଚାଣ ମଧ ଅକ୍ଲେଶରେ ଉଡିପାରେ । ଇଗଲ ଅପେକ୍ଷାକୃତ ବଡ ପକ୍ଷୀ ହୋଇଥିବାରୁ ଏପରି ଉଡାଣ ଭରି ପାରେ ନାହିଁ ତେବେ ପେଚା ପରି ଛଞ୍ଚାଣର ସବୁ ଶିକାର ପ୍ରୟାସ ସଫଳ ହୋଇନଥାଏ । ଖାଦ୍ୟ ଖାଦକର ନିୟମ ଅନୁସାରେ ବେଳେବେଳେ ଶିକାର, ଛଞ୍ଚାଣର ଆଗୁଆ ଉପସ୍ଥିତି ଠଉରାଇ, ଆତ୍ମରକ୍ଷା କୌଶଳ ଆପଣାଏ ଓ ଶିକାରୀକୁ ଚକମା ଦେଇ ଖସିଯାଏ ।

ଛଞ୍ଚାଣର ଅଶୀ ପ୍ରତିଶତ ଶିକାର ପ୍ରୟାସ ସଫଳ ହୋଇଥାଏ । ଛଞ୍ଚାଣର ଦୁଇଟି ନାକପୁଡା ଓ ଦୁଇଟି ଆଖି ପରଦା ଥାଏ । ଗୋଟିଏ ପରଦା ଆଖିକୁ ଅନବରତ ସଫାସୁତୁରା ରଖେ ଓ ଅନ୍ୟଟି ପଲକ ପକାଏ। କୁଣ୍ଡଳି ମାରି ତଳକୁ ଖସିଲା ବେଳେ ନାକପୁଡାରେ ଥିବା ଟ୍ୟୁବରସେଲ୍ସ ନାମକ ଗ୍ରନ୍ଥିଦ୍ୱାରା ଛଞ୍ଚାଣ ଅମ୍ଳଜାନ ଗ୍ରହଣ କରିଥାଏ । ଏହାର ଥଣ୍ଟର ଦୁଇପଟେ ଦାନ୍ତ ଆକୃତିର ଦୁଡଟି ତୀକ୍ଷ୍ଣ ଦନ୍ତୁରୀତ ଧାର ଥାଏ। ଏହା ଦ୍ୱାରା ସେ ଶିକାର ପକ୍ଷୀକୁ ସହଜରେ ମାରିଥାଏ ।



ଆକାଶରେ ଏହାର କେହି ବି ଶତ୍ରୁ ନଥାନ୍ତି। ଆକାଶର ରାଜା କୁହା ଯାଉଥିବା ଇଗଲ ପକ୍ଷୀ ଛଞ୍ଚାଣକୁ ସବୁବେଳେ ଏଡ଼ାଇଯାଏ । ଲମ୍ବଡେଣା , ଅଧିକ ଓଜନ ଓ ଅପେକ୍ଷା କୃତ କମ ଉଡାଣ କୌଶଳ ଯୋଗୁଁ ଏହା ଛଞ୍ଚାଣ ସହିତ ବଳ ପ୍ରଦର୍ଶନ କରିନଥାଏ ତେବେ ଅନେକ ସମୟରେ ଛଞ୍ଚାଣ ଇଗଲକୁ ମଧ ଆକ୍ରମଣ କରିବାକୁ ପଛାଇ ନଥାଏ । ସେପରି ସ୍ଥଳେ ଇଗଲ ନିଜର ଶରୀରକୁ ପଛକୁ ରଖି ତାର ପଞ୍ଝାକୁ ଛଞ୍ଚାଣ ସମ୍ମୁଖରେ ରଖେ । ଏପରି ଆତ୍ମରକ୍ଷା କୌଶଳ ଦେଖିଲେ ଛଞ୍ଚାଣ ବିପଦ ଆଶଙ୍କା କରି ବାଟ ଭାଙ୍ଗି ଚାଲିଯାଏ।

ପେଚା , ଛଞ୍ଚାଣର ଏକମାତ୍ର ଶତ୍ରୁ । ଏମାନେ ଘନ ଅନ୍ଧକାରର ସୁଯୋଗ ନେଇ ଛଞ୍ଚାଣକୁ ତା ବସା ଭିତରେ ପଶି ଆକ୍ରମଣ କରନ୍ତି । ଛଞ୍ଚାଣ ରାତିରେ ଦେଖି ପାରୁ ନଥିବାରୁ ସେମାନେ ଛଞ୍ଚାଣକୁ କ୍ଷତାକ୍ତ କରି ସେମାନଙ୍କ ଶାବକମାନଙ୍କୁ ଶିକାର କରନ୍ତି । ଛଞ୍ଚାଣ ବେଳେବେଳେ ସ୍ଥଳଭାଗରେ ଥିବା ଠେକୁଆ, ବିରାଡ଼ି, କୋକିଶିଆଳୀ, ଓ ଅପେକ୍ଷାକୃତ ବଡ଼ଜୀବମାନଙ୍କୁ ମଧ ଶିକାର କରେ ।

କେତେକ ଦେଶରେ ଏହାକୁ ପୋଷା ମନାଇ ଶିକାର କୌଶଳ ପ୍ରଶିକ୍ଷଣ ଦିଆଯାଏ। ଛଞ୍ଚାଣର ଆଖିକୁ ୨୪ ଘଣ୍ଟା ବନ୍ଦ ରଖି କେବଳ ଶିକାର କରାଯିବା ସମୟରେ ଆଖିରୁ ପଟ୍ଟି ହଟାଯାଏ ତେବେ ଛଞ୍ଚାଣକୁ ପାଳିବା ଅତ୍ୟନ୍ତ ବ୍ୟୟବହୁଳ । ଆରବ ଦେଶ ମାନଙ୍କରେ ଏହି ପକ୍ଷୀଟିକୁ ସଂଭ୍ରାନ୍ତ ଶ୍ରେଣୀର ଲୋକମାନେ, ଶୀତତାପ ନିୟନ୍ତ୍ରିତ କକ୍ଷରେ ଉପଯୁକ୍ତ ଜନ୍ନ ନେଇ ରଖନ୍ତି । ଏମାନଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସାଳୟ ମଧ ଥାଏ । ପ୍ରତିବର୍ଷ ବିଭିନ୍ନ ପ୍ରଜାତିର ଛଞ୍ଚାଣମାନଙ୍କୁ ନେଇ ଏକ ବର୍ଣ୍ଣାଢ୍ୟ ପ୍ରଦର୍ଶନୀ ଉତ୍ସବ ଅନୁଷ୍ଠିତ ହୁଏ ।

ଚିତାକୁ ସ୍ଥଳଭାଗର ସବୁ ଠାରୁ ଦ୍ରୁତଗାମୀ ପ୍ରାଣୀ ଭାବରେ ଗଣାଯାଏ ତେବେ ଚଞ୍ଚାଣକୁ ପୃଥିବୀର ସବୁଠାରୁ ଦ୍ରୁତଗାମୀ ଉଡ଼ନ୍ତା ପ୍ରାଣୀର ମାନ୍ୟତା ଦିଆ ଯାଇଛି । ଆଧୁନିକ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ଛଞ୍ଚାଣର ସର୍ବାଧିକ ଗତି ଘଣ୍ଟାପ୍ରତି ୩୮୯କିଲୋମିଟର ରେକର୍ଡ ହୋଇଛି ଯାହାକି ବୁଲେଟ ଟ୍ରେନର ଗତି ସହିତ ସମାନ । ଗୋଟିଏ ଛଞ୍ଚାଣ ସିଙ୍ଗଲ ଫ୍ଲାଇଟରେ ୨୬୦୦ କିଲୋମିଟର ଅତିକ୍ରମ କରି ୮ ଘଣ୍ଟା ଭିତରେ ଭାରତରୁ ୟୁନାଇଟେଡ଼ ଆରବ ଏମିରେଟ୍ସରେ ପହଞ୍ଚି ଯିବାର କ୍ଷମତା ରଖେ । ପେରିଗ୍ରାଇନ ଫାଲକନ ପ୍ରତିବର୍ଷ ୧୫୫୦୦ କିଲୋମିଟର ପ୍ରବାସ ଯାତ୍ରା କରିଥାଏ ।

*ଭୁବନେଶ୍ୱର*

# ଲମ୍ବା ଓ ଘନ କେଶର ସୌନ୍ଦର୍ଯ୍ୟ ବଢାଏ ଅଁଳା ପାଣି



**ବର୍ତ୍ତମାନ ସମୟରେ କେଶ ଝଡ଼ିବା ସାଧାରଣ ହୋଇଗଲାଣି। ଏପରି ପରିସ୍ଥିତିରେ, କେଶକୁ ଲମ୍ବା ଏବଂ ଘନ କରିବା ପାଇଁ ଅଁଳା ପାଣି ବ୍ୟବହାର କରିପାରିବେ। ଏଥିରେ ଭିଟାମିନ୍ ସି ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଭରପୂର ଥାଏ, ଯାହା କେଶକୁ ଲମ୍ବା ଓ ଘନ କରିବାରେ ସାହାଯ୍ୟ କରେ। ଏଥି ସହ କେଶ ଅଧାରୁ ଛିଣ୍ଡିବା ଓ ଶୁଷ୍କତାକୁ ଦୂର କରି ମୂଳରୁ ଦୃଢ କରିଥାଏ। ତେବେ ଅଁଳା ପାଣି କିପରି ପ୍ରସ୍ତୁତ କରିବେ ଏବଂ ଏହାକୁ କେଶରେ ଲଗାଇବେ ଆସନ୍ତୁ ଜାଣିବା....**

ଏକ ଚାମଚ ରିଠା ପାଉଡରକୁ ଏକ ଚାମଚ ଅଁଳା ପାଉଡରରେ ମିଶାଇ ସେଥିରେ ପ୍ରାୟ ୧୦୦ ମିଲିଲିଟର ପାଣି ମିଶାନ୍ତୁ। ବିନା ରିଠା ପାଉଡରରେ ମଧ ଏହି ପାଣି ପ୍ରସ୍ତୁତ କରିପାରିବେ। ଏହି ପାଣିକୁ କେଶ ମୂଳରୁ ଶେଷ ପର୍ଯ୍ୟନ୍ତ ଲଗାନ୍ତୁ ଏବଂ ୪ରୁ ୫ ମିନିଟ୍ ପର୍ଯ୍ୟନ୍ତ ହାତରେ ଘଷନ୍ତୁ। ଏହା ପରେ କେଶକୁ ଭଲ ଭାବରେ ସଫା କରିଦିଅନ୍ତୁ।

ଅଁଳା ପାଣି ପ୍ରସ୍ତୁତ କରିବାର ଆଉ ଏକ ଉପାୟ ଅଛି। ଏଥିପାଇଁ ଅଁଳାକୁ ଛୋଟ ଛୋଟ ଖଣ୍ଡ କରି କାଟି ଏଥିରେ ପାଣି ମିଶାନ୍ତୁ। ଏହି ପାଣିକୁ କିଛି ସମୟ ଫୁଟାନ୍ତୁ। ପାଣି ଫୁଟିବା ପରେ ଏହାକୁ ଥଣ୍ଡା କରନ୍ତୁ। ଏହି ପାଣିକୁ କେଶ ଧୋଇବା ପାଇଁ ବ୍ୟବହାର କରିପାରିବେ। ଏହା କେଶକୁ ଆର୍ଦ୍ରତା ଯୋଗାଇଥାଏ ଏବଂ ଲମ୍ବା ହେବାରେ ସାହାଯ୍ୟ କରେ।





ଆମଲା ରସକୁ ଲେମ୍ବୁ ରସ ସହିତ ମିଶାଇ କେଶରେ ଲଗାଇ ପାରିବେ। ଏହି ମିଶ୍ରଣ ହେୟାର୍ ଟୋନିକ୍ ପରି କାମ କରେ। ଏହାକୁ ଗୋଟିଏ ଘଣ୍ଟା ମୁଣ୍ଡରେ ଲଗାଇବା ପରେ ଧୋଇଦେବେ। ସେହିପରି ଭୃସଙ୍ଗା ପତ୍ରକୁ ମଧ ଅଁଳା ସହ ମିଶାଇ କେଶରେ ଲଗାଇ ପାରିବେ। ଏଥିପାଇଁ ଅଁଳାକୁ ଛୋଟ ଛୋଟ ଖଣ୍ଡରେ କାଟି ସେଥିରେ ଭୃସଙ୍ଗା ପତ୍ର ମିଶାଇ ଗ୍ରାଇଣ୍ଡିଂ କରନ୍ତୁ। ଏହି ପେଷ୍ଟକୁ କିଛି ଘଣ୍ଟା ମୁଣ୍ଡରେ ଲଗାଇବା ପରେ ଧୋଇ ଦିଅନ୍ତୁ। ସପ୍ତାହରେ ଥରେ କିମ୍ବା ଦୁଇଥର ଏହାକୁ ବ୍ୟବହାର କରିପାରିବେ।

# "Preparing Future Leaders: Integrating Sustainable Practices in Curriculum and Beyond.

In a world facing unprecedented environmental, social, and economic challenges, education plays a pivotal role in equipping young minds with the tools to lead responsibly. As students, you are not only the learners of today but also the leaders of tomorrow. And it is imperative that we rethink education to incorporate sustainability as a core value.

**Why Sustainability Matters:**

Sustainability is about meeting our needs without compromising the ability of future generations to meet theirs. It is about striking a balance between economic growth, environmental stewardship, and social well-being. Unfortunately, our current way of life is consuming resources faster than the Earth can replenish them. Climate change, deforestation, pollution, and resource depletion are stark reminders that we must act now.

This is where education becomes critical. By integrating sustainable practices into the curriculum, we can nurture leaders who are not just skilled professionals but also conscious global citizens.

Integrating Sustainability in the Curriculum"

So, how can we embed sustainability into education? Here are a few ideas:

1. Incorporating Green Concepts Across Subjects:

Science can teach about renewable energy and climate change; mathematics can include data analysis on resource consumption; and literature can inspire through stories of environmental resilience. Every subject can play a role in fostering an understanding of sustainability.




2. Project-Based Learning:

Engage students in hands-on projects like planting trees, creating waste management systems, or designing energy-efficient models. These experiences help translate theory into real-world application.

3. Sustainability Clubs and CLeaders:

Schools can establish clubs focused on sustainability, where students lead initiatives like recycling drives, clean-up campaigns, and awareness programs.

4. Field Trips and Experiential Learning:

Visiting local ecosystems, renewable energy plants, or sustainable farms can provide practical insights and inspire innovative ideas.

**Beyond the Classroom: A Culture of Responsibility**

Education for sustainability must go beyond textbooks and classrooms. It is about creating a culture where every action aligns with the principles of sustainability:

- Conscious Consumption: Being mindful of waste, energy use, and water conservation. "- Collaborative Problem-Solving: Working together to address issues like community development and environmental preservation.
- Leadership Through Example: Students must practice what they learn, influencing peers and even adults to adopt sustainable practices.

Rethinking Education for the Future:

To truly prepare future leaders, we must rethink education itself:

- Shift from rote learning to critical thinking and problem-solving.
- Focus on interdisciplinary learning that connects science, ethics, and culture.
- Empower students to take ownership of their learning and drive change in their communities.

Your Role as Future Leaders:

Dear students, you are the architects of a sustainable future. Each one of you holds the potential to lead by example, to innovate solutions to pressing challenges, and to inspire others to do the same. Leadership is not confined to titles or positions—it is about action, responsibility, and vision.

As you step into the world, remember these three guiding principles:

1. Think Globally, Act Locally: Small actions in your school or community can have a global impact.
2. Embrace Lifelong Learning:



Nihar Ranjan Acharya

Sustainability is an evolving concept. Stay curious, informed, and adaptable.

3. Lead with Empathy and Integrity: True leadership is about serving others and protecting the planet for generations to come.

Conclusion:

Let us commit to making sustainability an integral part of education and life. Together, we can create a world where progress does not come at the cost of nature, where development uplifts every individual, and where the leaders of tomorrow—"you"—steer humanity toward a brighter, more sustainable future.

Let us begin this journey of rethinking education for sustainability with hope, determination, and a shared purpose.

*Science Communicator and Environmentalist, Scientific Officer, Indian Climate Congress Founder and Working Director, TRUST - a Science and Environment Lover Organization*
*Ph. 8249775817*
*Email: niharacharya1973@gmail.com*

# Income Tax Return (ITR) Filing with New Rules

Deepak Kumar Mohanty

These rule changes will impact how you file your Income Tax Returns in 2025

**Income tax slabs:**

The government has revised the income tax slabs under the new tax regime. These changes aim to help taxpayers save more tax for Financial Year 2024-25 (FY25).

Slabs under the new tax regime are as follows:""Rs. 0 to Rs. 3,00,000: No Tax Rs.3,00,001 to Rs. 7,00,000: 5 percent tax. Rs.7,00,001 to Rs. 10,00,000: 10 percent tax. Rs.10,00,001 to Rs.12,00,000: 15 percent tax. Rs.12,00,001 to Rs 15,00,000: 20 percent tax. Rs.15,00,001: above 30 percent tax.

**Revised basic exemption limit:**

The basic exemption limit has been increased from Rs.250,000 to Rs.300,000. This change means that individuals earning upto Rs.300,000 will not be liable to pay any income tax.

**Increased standard deductions:**

In the new tax regime, the standard deduction for salaried employees has been raised from Rs.50,000 to Rs.75,000. For family pensioners, this deduction has increased from Rs.15,000 to Rs.25,000.

**New TDS Regulations:**

Under the new tax regime, any individuals can claim a deduction of upto 14 percent of their basic salary for their employer's contribution to the NPS. Previously, the maximum deduction an employee could claim was limited to 10 percent of their basic salary.

**New tax rates for Long-Term Capital Gains (LTCG) and Short-Term Capital Gains (STCG):**

The tax rate for STCG from equity investments has been increased to 20 percent from the earlier rate of 15 percent. For all other assets, STCG will be taxed according to the taxpayer's applicable Income Tax slab rate. LTCG, on the other hand, will now be taxed at a flat rate of 12.5 percent. LTCG from equity and equity oriented mutual funds will now be exempt from tax upto Rs.1.25 lakh per financial year, an increase from the previous exemption limit of Rs.1 lakh.

**Changes in holding period for capital gains taxation:**

For determining whether an asset is classified as long-term or short-term, only two holding periods will now apply, 12-months or 24-months. The earlier 36-month holding period has been eliminated. Additionally, the holding period for all listed securities is set at 12 months.

**Claiming TDS/TCS tax credit to lower TDS on salary:**

Salaried employees can now claim credit for tax deducted at source (TDS) on other incomes apart from salary and tax collected at source (TCS) on other expenses to reduce the TDS applicable on their salary income. TCS on buying notified luxury goods: An individual purchasing notified luxury goods will incur an additional cost due to the imposition of Tax Collected at Source (TCS). The TCS will be applicable on the value of goods that exceed Rs 10 lakh.

**Introduction of Vivad se Vishwas Scheme 2.0:**

The government has reintroduced the Direct Tax Vivad Se Vishwas Scheme to address disputes between taxpayers and the Income Tax department.

*Advocate, Orissa High Court. Cuttack-2*
*Mob: 94372 95666*

# କେନ୍ଦ୍ର କ୍ରୀଡାମନ୍ତ୍ରୀଙ୍କ ଦ୍ୱାରା କିଟ୍‌ରେ ମିନତି ମହାପାତ୍ର ସାଇକ୍ଲିଂ ଭେଲୋଡ୍ରମ୍ ଉଦ୍‌ଘାଟିତ

ଭୁବନେଶ୍ୱର, (ଭିଓଭି): କିଟ୍‌ରେ ଭାରତର ପ୍ରଥମ ଅନ୍ତର୍ଜାତୀୟସ୍ତରର ସାଇକ୍ଲିଂ ଭେଲୋଡ୍ରୋମ୍ ମିନତି ମହାପାତ୍ର ସାଇକ୍ଲିଂ ଭେଲୋଡ୍ରୋମ୍ କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ତଥା ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଡ. ମନସୁଖ ମାଣ୍ଡବ୍ୟଙ୍କ ଦ୍ୱାରା ଆଜି ଉଦ୍‌ଘାଟିତ ହୋଇଯାଇଛି। ଭାରତର ପ୍ରଥମ ମହିଳା ସାଇକ୍ଲିଷ୍ଟ, ସାଇକ୍ଲିଂରେ ଓଡ଼ିଶାର ପ୍ରଥମ ଅର୍ଜୁନ ପୁରସ୍କାର ବିଜେତା ସ୍ୱନାମଧନ୍ୟ ସାଇକ୍ଲିଷ୍ଟ ମିନତି ମହାପାତ୍ରଙ୍କ ନାମରେ ଏହି ଭେଲୋଡ୍ରୋମ ନାମିତ କରାଯାଇଛି। ୨୫୦ ମିଟର ବିଶିଷ୍ଟ ଏହି କଂକ୍ରିଟ୍ ଭେଲୋଡ୍ରୋମ ଭାରତର ପ୍ରଥମ ଅନ୍ତର୍ଜାତୀୟ ଭେଲୋଡ୍ରୋମ୍ ବୋଲି କୁହାଯାଉଛି। ଭେଲୋଡ୍ରୋମ୍‌କୁ ଉଦ୍‌ଘାଟନ କରି କେନ୍ଦ୍ର ମନ୍ତ୍ରୀ ଡ. ମାଣ୍ଡବ୍ୟ




କହିଲେ, ମୁଁ କିଟ୍ ଓ କିସ୍ ପରିଦର୍ଶନ କରିବା ପରେ ଏଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱପ୍ନ ସାକାର ହୋଇଥିବା ଦେଖିବାକୁ ପାଉଛି। ଚାଣକ୍ୟଙ୍କ ଉକ୍ତିର ଉଦାହରଣ ଦେଇ ସେ ଦେଶର ଭବିଷ୍ୟତ ଗଠନରେ ଶିକ୍ଷାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରଛାତ୍ରୀମାନେ ହେଉଛନ୍ତି ଏ ଦେଶର ଭବିଷ୍ୟତ। ଦେଶର ଏହି ଭବିଷ୍ୟତମାନଙ୍କୁ ଗଢ଼ିବାରେ ଅଚ୍ୟୁତ ସାମନ୍ତଙ୍କ ଭଳି ଜଣେ ଦକ୍ଷ ଓ ନିଷ୍ଠାପର ଶିକ୍ଷାବିତ୍‌ଙ୍କ କାର୍ଯ୍ୟଧାରାରେ ଆନନ୍ଦିତ ବୋଲି ସେ କହିଥିଲେ। ଶ୍ରୀ ସାମନ୍ତ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଦିଗରେ ଧ୍ୟାନ ଦେଉଛନ୍ତି। ସେମାନଙ୍କୁ ଦେଶର ଜଣେ ଜଣେ ଦାୟିତ୍ୱବାନ ନାଗରିକ ଭାବେ ଏଠାରେ ଗଢ଼ି ତୋଳାଯାଉଛି। ମୁଁ ଯେଉଁଠିକୁ ବି ଯିବି ସେଠାରେ କିସ୍‌ରେ ଯେଉଁ ସବୁ କାର୍ଯ୍ୟଧାରା ଚାଲୁରହିଛି ଓ କିସ୍‌ର ଛାତ୍ରଛାତ୍ରୀଙ୍କ ଶୃଙ୍ଖଳା ଜ୍ଞାନ ସମ୍ପର୍କରେ ନିଶ୍ଚିତ ଭାବେ କହିବି। ସ୍ୱାଗତ ଭାଷଣ ଦେଇ ଶ୍ରୀ ସାମନ୍ତ କହିଲେ, କିଟ୍ ଓ କିସ୍ ସବୁବେଳେ ଶିକ୍ଷା ସହ କ୍ରୀଡ଼ାକୁ ସମାନ ଗୁରୁତ୍ୱ ଦେଇ ଆସିଛି। ଏଠାରେ ଗୋଟିଏ ସ୍ଥାନରେ ଥିବା କ୍ରୀଡ଼ା ଭିତ୍ତିଭୂମି ଦେଶର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳି ନଥାଏ। ଭବିଷ୍ୟତରେ କିଟ୍ ଓ କିସ୍‌ର କ୍ରୀଡ଼ା ଭିତ୍ତିଭୂମିକୁ ଦ୍ୱିଗୁଣିତ କରାଯିବ ବୋଲି ସେ କହିଥିଲେ। ସାଇକ୍ଲିଷ୍ଟ ମିନତି ମହାପାତ୍ର କହିଲେ, ମୋତେ ଏଭଳି ଭାବେ ସମ୍ମାନୀତ କରାଯାଇଥିବାରୁ ମୁଁ କିଟ୍, କିସ୍ ଓ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା ଜଣାଉଛି। ଶ୍ରୀ ସାମନ୍ତ ସବୁବେଳେ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହିତ କରିଆସୁଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଇକ୍ଲିଂ ଫେଡେରେସନ୍ ଅଫ୍ ଇଣ୍ଡିଆର ମହାସଚିବ ମନିନ୍ଦର ପାଲ ସିଂହ, ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍‌ର ସମ୍ପାଦକ ପ୍ରସନ୍ନ କୁମାର ରାଉତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ଡ. ମାଣ୍ଡବ୍ୟ ଦୀର୍ଘ ୨ ଘଣ୍ଟା ଧରି କିଟ୍ ଓ କିସ୍‌ର ବିଭିନ୍ନ କ୍ରୀଡ଼ା ଭିତ୍ତିଭୂମି ଦେଖିବା ସହ କ୍ରୀଡ଼ାବିତ୍‌ଙ୍କ ସହ ଭାବ ବିନିମୟ କରିଥିଲେ।

## ବ୍ରହ୍ମପୁର ମହୋତ୍ସବ ଜାନୁଆରୀ ପରିବର୍ତ୍ତେ ଫେବୃଆରୀ ମାସରେ ହେବ




ବ୍ରହ୍ମପୁର, (ଭିଓଭି): ଖେଳ ପଡିଆ ସମସ୍ୟା ଯୋଗୁଁ ବ୍ରହ୍ମପୁର ମହୋତ୍ସବ - ୨୦୨୫, ପୂର୍ବ ନିର୍ଦ୍ଧାରିତ ଜାନୁଆରି ୧୧ ରୁ ୧୬ ପରିବର୍ତ୍ତେ ଫେବୃଆରୀ ୧ ରୁ ୬ ତାରିଖରେ ୟୁସିପି ଇଞ୍ଜିନିୟରିଂ ସ୍କୁଲ ଖେଳ ପଡ଼ିଆରେ ଅନୁଷ୍ଠିତ କରିବା ନିମନ୍ତେ ସୋମବାର ମହାନ୍ ସଂଘ କାର୍ଯ୍ୟାଳୟ ରେ ନିଷ୍ପତି ହୋଇଛି। ପୂର୍ବ ନିର୍ଦ୍ଧାରିତ ଷ୍ଟଲ ,ସାଂସ୍କୃତିକ କାର୍ଯ୍ୟକ୍ରମ ସହ , ରକ୍ତ ଦାନ, ସ୍ୱାସ୍ଥ୍ୟ ଶିବିର ସହ ଅନ୍ୟାନ୍ୟ ଆକର୍ଷଣୀୟ କାର୍ଯ୍ୟକ୍ରମ ଆଲୋଚନା ଚକ୍ର, ସ୍ମରଣିକା ପ୍ରକାଶ କରାଯିବା ସ୍ଥିର ହୋଇଛି। ସଂଘ ସଭାପତି ସୁଶାନ୍ତ କୁମାର ସାବତ ଙ୍କ ଅଧ୍ୟକ୍ଷତାରେ ମହୋତ୍ସବ ସମ୍ପାଦକ ଗୋପାଳ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ । ପ୍ରକାଶ ଭାଯାନି, ବଳରାମ ପଣ୍ଡା, ସୁଚେତା ପାଣିଗ୍ରାହୀ, ତପନ ପଣ୍ଡା, ହରିକୃଷ୍ଣ ମିଶ୍ର, ଆଦିତ୍ୟ ନାରାୟଣ ରଥ, ସାଧନା ପାଢ଼ୀ, ପୁଷ୍ପଲତା ପାଣିଗ୍ରାହୀ, ସାବନା ଦାଶ, ନିବେଦିତା ପାଢ଼ୀ, ଲୋପା ସାମଲ, ବନ୍ଦିତା ତ୍ରିପାଠୀ, ନାରାୟଣ ମହାଙ୍କୁଡ, ଅନିଲ ପାତ୍ର, ତପନ ମହାପାତ୍ର ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ। ଶେଶରେ ସୁଦୀପ କୁମାର୍ ସାହୁ ଧନ୍ୟବାଦ୍ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ବିଶିଷ୍ଟ ଆଇନଜୀବୀ ସୁଧାଂଶୁ ଶେଖର ପଣ୍ଡା ଓ ବିଶିଷ୍ଟ ଲେଖିକା ଅମିୟବାଳା ପଟ୍ଟନାୟକଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଥିଲା।

## ଏନ୍.ଟି.ପି.ସି ତାଳଚେର ଥର୍ମାଲ୍ : ପ୍ରଥମ ୟୁନିଟ୍ ୨୦୨୭ ସେପ୍ଟେମ୍ବର୍‌ରେ କାର୍ଯ୍ୟକ୍ଷମ ହେବ

ତାଳଚେର, (ଭିଓଭି): ଏନଟିପିସି ତାଳଚେର ଥର୍ମାଲ ରେ ନୂତନ ଭାବେ ପ୍ରତିଷ୍ଠା ହେଉଥିବା (୬୬୦୍୨) ମେଗା ୱାଟ ଶକ୍ତି ପ୍ରକଳ୍ପର ପ୍ରଥମ ୟୁନିଟ ଆସନ୍ତା ସେପ୍ଟେମ୍ବର ୨୦୨୭ ରେ କାର୍ଯ୍ୟକ୍ଷମ ହେବ ଏବଂ ଦ୍ୱିତୀୟ ୟୁନିଟ ଡ଼ିସେମ୍ବର ୨୦୨୭ ରେ ଉତ୍ପାଦନ ଆରମ୍ଭ କରିବ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସଂପର୍କରେ ସୂଚନା ଦେଇଛନ୍ତି ପ୍ରକଳ୍ପ ମୁଖ୍ୟ ଶ୍ରୀ ବିଜୟ ଚାନ୍ଦ । ପ୍ରକଳ୍ପର କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି ଏବଂ ଆମେ ଦୃଢ ନିଶ୍ଚିତ ଯେ, ଏନ.ଟି.ପି.ସି. ଏଥିରେ ସଫଳ ହେବ। ଶକ୍ତି ଉତ୍ପାଦନ ବ୍ୟତୀତ, ପରିବେଶ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ ଓ ପାରିପାର୍ଶ୍ୱିକ ଗ୍ରାମାଞ୍ଚଳର ଉନ୍ନତି ଏହା ସହ ଜଡିତ । ଏହି ପ୍ରକଳ୍ପରୁ ଉତ୍ପାଦିତ ଶକ୍ତିର ୫୦% ଓଡିଶା ରାଜ୍ୟ ଓ ଅନ୍ୟ ରାଜ୍ୟ ଗୁଜୁରାଟ, ଆସାମ ଓ ତାମିଲନାଡୁ ପ୍ରଭୃତି ବଳକା ଶକ୍ତି ନେବେ । ପରିବେଶ ସୁରକ୍ଷା



ନିମିତ୍ତ ୯୦,୦୦୦ ବୃକ୍ଷରୋପଣ କରାଯିବାର ସ୍ଥିର ହୋଇଛି, ଯାହା ରାଜ୍ୟ ବନ ନିଗମ ଦ୍ୱାରା କରାଯିବ । ସ୍ଥାନୀୟ ଯୁବାବର୍ଗ ଙ୍କୁ କର୍ମ ନିଯୁକ୍ତିର ଅପାର ସୁଯୋଗ ସୃଷ୍ଟି କରାଯାଉଛି ।ଏନ.ଟି.ପି.ସି. ସର୍ବଦା ନିଜ ଲକ୍ଷ୍ୟରେ ଅଟଳ ଓ ସାମାଜିକ ବିକାଶ ପାଇଁ ନିରନ୍ତର ପ୍ରୟାସ ଜାରି ରଖିବ ବୋଲି ଶ୍ରୀ ଚାନ୍ଦ ପ୍ରକାଶ କରିଥିଲେ । ଏହି ପ୍ରକଳ୍ପ ଅତ୍ୟନ୍ତ ଉଚ୍ଚମାନକ ଓ ଏଥିରେ ପ୍ରଦୂଷଣ ଶୂନ୍ୟ ଅଟେ । ଓଡିଶା ପାଇଁ ଏହା ଏକ ନୂଆ ମାଇଲ ଖୁଣ୍ଟ ସୃଷ୍ଟି କରିବ ଏବଂ ଦେଶ ପାଇଁ ଶିଳ୍ପ ପ୍ରଗତିର ନୂଆ ସୂଚକାଙ୍କ ବୋଲି ଶ୍ରୀ ବିଜୟ ଚାନ୍ଦ ପ୍ରକାଶ କରଛନ୍ତି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଏନଟିପିସି ତାଳଚେର ଥର୍ମାଲ ର ବିଭାଗୀୟ ଅଧିକାରୀ ଓ ବହୁ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## କରଞ୍ଜିଆ ବିଜେପିର ନୂତନ ମଣ୍ଡଳ ସଭାପତି ଓ ଜିଲ୍ଲା ପ୍ରତିନିଧିଙ୍କ ନାମ ଘୋଷଣା

କରଞ୍ଜିଆ,(ଭିଓଭି): ଭାରତୀୟ ଜନତା ପାର୍ଟି ପଶ୍ଚିମ ମୟୂରଭଞ୍ଜ ସାଙ୍ଗଠନିକ ଜିଲ୍ଲା ର ମଣ୍ଡଳ ସଭାପତି ନିର୍ବାଚନ ଶେଷ ହେବା ପରେ ପ୍ରଥମ ପର୍ଯ୍ୟାୟ ରେ ୧୭ ଗୋଟି ମଣ୍ଡଳ ସଭାପତି ଙ୍କ ନାମ ଘୋଷଣା କରାଯାଇଛି ।ତେବେ ରାଜ୍ୟ ବିଜେପି ନିର୍ବାଚନ ଅଧିକାରୀ ତଥା ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ରାଜ୍ୟ ମହିଳାମୋର୍ଚ୍ଚା ସମ୍ପାଦିକା ସିପ୍ରା ବାଜପେୟୀ ଚଳିତମାସ ୪ ତାରିଖ ଅନୁଷ୍ଠିତ ହୋଇଥିବା ମଣ୍ଡଳ ସଭାପତି ନିର୍ବାଚନ ନିମନ୍ତେ ଦାଖଲ ହୋଇଥିବା ପ୍ରାର୍ଥୀପତ୍ର ଯାଞ୍ଚ ପରେ ମଣ୍ଡଳ ସଭାପତି ମାନଙ୍କ ନାମ ଘୋଷଣ କରିଛନ୍ତି। ତେବେ ସେହି କ୍ରମେ ରେ କରଞ୍ଜିଆ ନଗର ମଣ୍ଡଳ ବିଜେପି ସଭାପତି ଭାବ ଯୁବ ସଂଗଠକ ଶ୍ରୀ ସମ୍ବିଧାନ ମହାପାତ୍ର ଏବଂ ଜିଲ୍ଲା ପ୍ରତିନିଧି ଭାବେ ଶ୍ରୀଯୁକ୍ତ ମହେଶ୍ୱର ସାହା ନିର୍ବାଚିତ ହୋଇଥିବା ବେଳେ ଗ୍ରାମୀଣ ମଣ୍ଡଳ ସଭାନେତ୍ରୀ ଭାବେ ଶ୍ରୀମତୀ ସୁନମଣି ହୋ ଏବଂ ଜିଲ୍ଲା ପ୍ରତିନିଧି ଭାବେ ଶ୍ରୀ ଦେବେନ୍ଦ୍ରନାଥ ମହାନ୍ତ ଓ ତାଟୋ ମଣ୍ଡଳ ସଭାପତି ଭାବେ ଯୁବନେତା ଶ୍ରୀ ଦିଲୀପ କୁମାର ମହାନ୍ତ ଏବଂ ପ୍ରତିନିଧି ଭାବେ ଶ୍ରୀ ସଞ୍ଜୀବ କୁମାର ପାଣିଗ୍ରାହୀ ଙ୍କୁ ମନୋନୀତ କରି ନାମ ଘୋଷଣା କରାଯାଇଛି। ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ସମସ୍ତ କାର୍ଯ୍ୟକର୍ତ୍ତା ଙ୍କୁ ବିଜେପି ରାଜ୍ୟ ସଭାପତି ଶ୍ରୀଯୁକ୍ତ ମନମୋହନ ସାମଲ,ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝି, ଜିଲ୍ଲା ସଭାପତି ଶ୍ରୀଯୁକ୍ତ କୃପାସିନ୍ଧୁ ମହାନ୍ତ,ଉପସଭାପତି ଶ୍ରୀ ଜନାର୍ଦ୍ଦନ ବେହେରା,କେନ୍ଦୁଝର ସାଂସଦ ଶ୍ରୀ ଅନନ୍ତ ନାୟକ, ବିଧାୟକ ଶ୍ରୀ ପଦ୍ମ ଚରଣ ହାଇବ୍ରୁ ପ୍ରମୁଖ ଶୁଭେଚ୍ଛା ଜଣାଇବାସହ କରଞ୍ଜିଆ ର ସମସ୍ତ କର୍ମକର୍ତ୍ତା ଅଭିନନ୍ଦନ ଜଣାଇବା ସହ ଆନନ୍ଦ ପ୍ରକାଶ କରିଛନ୍ତି।

## ବେଳାଭୂମି ମହୋତ୍ସବ ପୁରୀ ଭିକ୍ଟୋରିଆ ହୋଟେଲ ସମ୍ମୁଖରେ ଉଦଘାଟିତ

ପୁରୀ (ଭିଓଭି): ବେଳାଭୂମି ମହୋତ୍ସବ ଆଯି ସନ୍ଧ୍ୟାରେ ପୁରୀ ଭିକ୍ଟୋରିଆ ହୋଟେଲ ସମୁଖରେ ଉଦଘାଟିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ମହୋତ୍ସବକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଉଦଘାଟନ କରିବା ସହିତ ମହୋଦଧି କୂଳରେ ମହାପ୍ରଭୁଙ୍କ ମାଟିରେ ଏହି ଭବ୍ୟ ଆୟୋଜନ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ନିଜ ବକ୍ତବ୍ୟରେ ସେ କହିଥିଲେ ୧୮ ତମ ପ୍ରବାସୀ ଭାରତୀୟ ଦିବସ ଓଡିଶାର ଭୁବନେଶ୍ୱର ରେ ଆୟୋଜିତ ହେଉଥିଲେ ମଧ୍ୟ ପୁରୀ ସମସ୍ତ ପ୍ରବାସୀଭାରତୀୟ ଙ୍କ ପାଇଁ ଆକର୍ଷଣ ର କେନ୍ଦ୍ରବିନ୍ଦୁ ସାଜିଥିଲା। ମହାପ୍ରଭୁଙ୍କ୍ ଦର୍ଶନ ସହ ସ୍ୱର୍ଣ୍ଣିମ ବେଳାଭୂମି ର୍ ବ୍ଲୁ ଫ୍ଲାଗ୍ ବୀଚ, କଳା ଗ୍ରାମରେ ପରିଚିତ ରଘୁରାଜପୁର, ଅପରୁପା ଚିଲିକା, ସାତପଡ଼ା,ସୂର୍ଯ୍ୟ ମନ୍ଦିର କୋଣାର୍କ, ରାମଚଣ୍ଡୀ, ପିପିଲି ର ପ୍ରସିଦ୍ଧ ଚାନ୍ଦୁଆ ସେମାନଙ୍କ ପାଇଁ ଉତ୍ସାହ ଆଣିବା ସହ ଏ ଗୁଡିକ ଦେଖିବାର ସ୍ୱପ୍ନ ହୋଇଛି । ଏବଂ ନିଜ ପୂର୍ବ ପୁରୁଷ ଙ୍କ ଅଞ୍ଚଳର୍ ବିକାଶ



ଓ ଉନ୍ନତି ସେମାନଙ୍କୁ ଉଲ୍ଲସିତ ଆହ୍ଲାଦିତ କରିବା ନିଶ୍ଚୟ । ପୁରୀ ସୁନ୍ଦର ଭାବରେ ସଜେଇ ହୋଇଛି । ଏହା କେବଳ ପ୍ରବାସୀ ଙ୍କୁ ନୁହେଁ ଆମ ନିଜ ଦେଶର ଲୋକ ମାନଙ୍କୁ ମଧ୍ୟ ଉଦବୁଦ୍ଧ କରିବ । ଏହା ଆମ ପର୍ଯ୍ୟଟନ୍ ଶିଳ୍ପକୁ ଆଗକୁ ନେବା ସହ ବିଶ୍ୱରେ ଆମ ମହାନ ସାଂସ୍କୃତି, ଐତିହ୍ୟ ଓ ପର୍ଯ୍ୟଟନ୍ କୁ ପ୍ରଚାର ପ୍ରସାର କରିବା ଦିଗରେ ସହାୟକ ହେବ ବୋଲି ଶ୍ରୀମତୀ ପ୍ରଭାତୀ ପରିଡା ମତ ଦେଇଥିଲେ । ସନ୍ମାନୀୟ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟନାୟକ, ସତ୍ୟବାଦୀ ବିଧାୟକ ଉପାସନା ମହାପାତ୍ର, ସତ୍ୟବାଦୀ ବିଧାୟକ ଓଁ ପ୍ରକାଶ ମିଶ୍ର , ବ୍ରହ୍ମଗିରି ବିଧାୟିକା ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ପ୍ରବାସୀ ଭାରତୀୟ ମାନଙ୍କ ସଂମାନର୍ଥେ ଆୟଜିତ ଏହି ସମାରୋହ ଆମ ସଂସ୍କୃତି ଓ ଐଇତିହ୍ ଓ ଗୌରବକୁ ପୁର୍ଣ୍ଣର୍ଜିବିତ କରିଛି । ଆମ ଅତିଥି ମାନଙ୍କୁ ଆମେ ଏଭଳି ସନ୍ମାନ ଓ ଆଦର ଦେବା ଯେ ସେମାନେ ନିଜ ସ୍ଥାନକୁ ଫେରିବା ଗଲେ ମଧ୍ୟ ଏହି ଦିନଟିକୁ ମାନେ ରଖିବେ ବୋଲି କହିଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ କରିଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏସ ପି ବିନିତ୍ ଅଗ୍ରୱାଲା ଏହି କାର୍ଯ୍ୟ ରେ ରହି ଶୃଙ୍ଖଳା ସହିତ ପରିଚାଳନା ଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

## ଖଣ୍ଡଗିରି ଗୁମ୍ଫା ଜବରଦଖଲ ମାମଲା

# ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

କଟକ: ଖଣ୍ଡଗିରି ଗୁମ୍ଫାର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରୁଛନ୍ତି। ଏହାର ଚୂଡାନ୍ତ ରୂପରେଖ ପ୍ରସ୍ତୁତି ପାଇଁ ଆଉ ୪ ସପ୍ତାହ ସମୟ ଆବଶ୍ୟକ। ଖଣ୍ଡଗିରି ଉଦୟଗିରି ଦିଗମ୍ବର ଜୈନ ସିଦ୍ଧ କ୍ଷେତ୍ର ପକ୍ଷରୁ ଜବରଦଖଲ ନେଇ ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ ସରକାରଙ୍କ ପକ୍ଷରୁ ଏଭଳି ସତ୍ୟପାଠ ଦାଖଲ କରାଯାଇଛି। ଅନ୍ୟପଟେ ଖଣ୍ଡଗିରି ଗୁମ୍ଫାରୁ ଜବରଦଖଲ ଉଚ୍ଛେଦ ସମ୍ପର୍କରେ ଆସନ୍ତା ଗୁରୁବାର ସୁଦ୍ଧା ସତ୍ୟପାଠ ଦାଖଲ କରିବାକୁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜବରଦଖଲ ଉଚ୍ଛେଦ ପାଇଁ ଏଏସଆଇ ଓ ଅନ୍ୟ ଏଜେନ୍ସି ଗୁଡ଼ିକ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପର ବିସ୍ତୃତ ତଥ୍ୟ ସତ୍ୟପାଠ ମାଧ୍ୟମରେ ଦାଖଲ ପାଇଁ ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଦେଶ ଦେଇଛନ୍ତି। ମାମଲାର ଶୁଣାଣି ଆସନ୍ତା ୯ ତାରିଖରେ ରହିଛି। ଖଣ୍ଡଗିରିରେ ଜବରଦଖଲ ହୋଇଥିବା ନେଇ ଖଣ୍ଡଗିରି ଉଦୟଗିରି ଦିଗମ୍ବର ଜୈନ ସିଦ୍ଧ କ୍ଷେତ୍ର ପକ୍ଷରୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଏହାର ବିଚାର ବେଳେ ହାଇକୋର୍ଟ ରାଜ୍ୟ ସରକାର, ଏଏସ୍ଆଇ, ଜିଲ୍ଲା ପ୍ରଶାସନଙ୍କୁ ନୋଟିସ୍



କରିବା ସହ ସତ୍ୟପାଠ ତଲବ କରିଥିଲେ। ଜିଲ୍ଲା ପ୍ରଶାସନ ଓ ଏଏସ୍ଆଇ ପକ୍ଷରୁ ଏଠାରେ ଜବରଦଖଲ ଥିବା ସତ୍ୟପାଠରେ ଦର୍ଶାଯାଇଥିଲା। ତେବେ ଜବରଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଥିବା ଏଏସ୍ଆଇ ଦର୍ଶାଇଥିଲା। ଜବରଦଖଲକାରୀଙ୍କୁ ସାନି ନୋଟିସ ଦିଆଯାଇଥିଲା। ନୋଟିସର ୧୫ ଦିନିଆ ଅବଧି ପୂର୍ଣ୍ଣ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯିବ ବୋଲି କୁହାଯାଇଥିଲା।

# କେନ୍ଦୁଝର ଡି.ଏମ୍.ଏଫ୍ ଅନିୟମିତତା : କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ

କଟକ/କେନ୍ଦୁଝର: କେନ୍ଦୁଝର ଜିଲ୍ଲା ଡିଏମ୍ଏଫ୍ ଅନୁଦାନ ଖର୍ଚ୍ଚରେ ବ୍ୟାପକ ଅନିୟମିତତା ଅଭିଯୋଗର ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ଡିଷ୍ଟ୍ରିକ୍ଟ ମିନେରାଲ୍ ଫାଉଣ୍ଡେସନ୍ ନିୟମାବଳୀ ୨୦୧୫ ଅନୁସାରେ ଗଠିତ ରାଜ୍ୟସ୍ତରୀୟ କମିଟି(ଏସ୍ଏଲ୍ସି) ହାଇକୋର୍ଟରେ ଦାଖଲ ଆବେଦନ ଓ ପ୍ରତିଜବାବରେ ଉଲ୍ଲେଖ ଅଭିଯୋଗର ଯାଞ୍ଚ କରିବ। ଅଭିଯୋଗ ସଂପର୍କରେ ଅନୁଧ୍ୟାନ କରି ଏସ୍ଏଲ୍ସି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଅତିରିକ୍ତ ସରକାରୀ ଓକିଲ ହାଇକୋର୍ଟରେ ଦାଖଲ ଆବେଦନ ଓ ନଥିପତ୍ରରେ ଉଲ୍ଲେଖ ତଥ୍ୟ ଏସ୍ଏଲ୍ସି ଆବାହକଙ୍କୁ ଉପଲବ୍ଧ କରାଇବେ। ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ୍ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଭକାନ୍ତ ନାୟକଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ମାର୍ଚ୍ଚ ୬କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଏହି ସମୟ ମଧ୍ୟରେ ଅଭିଯୋଗ ଉପରେ ଏସ୍ଏଲ୍ସି ଆବଶ୍ୟକ ପଦକ୍ଷେପ ଗ୍ରହଣ



କରିବେ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ କେନ୍ଦୁଝର ଜିଲ୍ଲାରେ ଡିଏମ୍ଏଫ୍ ଅନୁଦାନ ଖର୍ଚ୍ଚରେ ବ୍ୟାପକ ଅନିୟମିତତା ନେଇ ହାଇକୋର୍ଟରେ ଏହି ଆବେଦନ ଦାୟର କରାଯାଇଥିଲା। ଜିଲ୍ଲା ଖଣିଜ ପାଣ୍ଠି ଖର୍ଚ୍ଚରେ କେନ୍ଦୁଝରରେ ଚାଲିଥିବା ବିଭିନ୍ନ କଲ୍ୟାଣମୂଳକ ପ୍ରକଳ୍ପର କ'ଣ ସ୍ଥିତି ରହିଛି ସେନେଇ ଜବାବ ଦାଖଲ ପାଇଁ କେନ୍ଦୁଝର ଜିଲ୍ଲାପାଳ ତଥା ଡିଏମ୍ଏଫ୍ ଟ୍ରଷ୍ଟ ଅଧ୍ୟକ୍ଷଙ୍କୁ ହାଇକୋର୍ଟ କହିଥିଲେ। କେନ୍ଦୁଝର ଜିଲ୍ଲାପାଳ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ କରିଥିଲେ। ଏହାପରେ ଆବେଦନକାରୀ ପ୍ରତିଜବାବ ଦାଖଲ କରିଥିଲେ। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ କେନ୍ଦୁଝରରେ ଜିଲ୍ଲା ଖଣିଜ ପାଣ୍ଠି ଟଙ୍କା ଖର୍ଚ୍ଚ ବେଳେ ମାଇନ୍ସ ଆଣ୍ଡ ମିନେରାଲ୍ସ ଡେଭଲପ୍ମେଣ୍ଟ ଆଣ୍ଡ ରେଗୁଲେସନ୍ ଆଇନ ୧୯୫୭ ଓ ୨୦୧୫ର ନିୟମାବଳୀର ବ୍ୟାପକ ଉଲ୍ଲଂଘନ ହୋଇଥିବା ସ୍ପଷ୍ଟ ହୋଇଛି ବୋଲି ଆବେଦନକାରୀ ଦର୍ଶାଇଥିଲେ। ଖଣିଜ ଦ୍ରବ୍ୟ ଉତ୍ତୋଳନ ଦ୍ୱାରା ପ୍ରଭାବିତ ଅଞ୍ଚଳବାସୀଙ୍କ କଲ୍ୟାଣ ପାଇଁ ଏହି ପାଣ୍ଠି ବିନିଯୋଗ ହେବା କଥା। କିନ୍ତୁ ଆଇନ ଉଲ୍ଲଂଘନ କରି ଏହି ପାଣ୍ଠି ଖର୍ଚ୍ଚ କରାଯାଉଛି। ଏଭଳି ଭାବେ ଜିଲ୍ଲା ଖଣିଜ ପାଣ୍ଠି ଅର୍ଥ ବ୍ୟାପକ ଦୁର୍ନୀତି କରାଯାଉଛି ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା। ୨୦୧୫ର ନିୟମାବଳୀ ୧୮(ଖ) ଅନୁସାରେ ଡିଏମ୍ଏଫ୍ ଟ୍ରଷ୍ଟର କାର୍ଯ୍ୟ ତଦାରଖ ତଥା ସମୀକ୍ଷା କରିବା ପାଇଁ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ କମିଟି(ଏସ୍ଏଲ୍ସି) ଗଠନ ହେବା କଥା। ଏସ୍ଏଲ୍ସିର କ୍ଷମତା ରହିଛି ଡିଏମ୍ଏଫ୍ ଟ୍ରଷ୍ଟ ନିକଟରୁ ପାଣ୍ଠି ବିନିଯୋଗ ନେଇ ରିପୋର୍ଟ ତଲବ କରିପାରିବ। ଏଥି ସହିତ ଆଇନ ଓ ନିୟମରେ ଥିବା ବ୍ୟବସ୍ଥା ପାଳନ ପାଇଁ ଏସ୍ଏଲ୍ସି ମଧ୍ୟ ଡିଏମ୍ଏଫ୍ ଟ୍ରଷ୍ଟକୁ ନିର୍ଦ୍ଦେଶନାମା ଓ ପରାମର୍ଶ ଦେଇପାରିବ ବୋଲି ହାଇକୋର୍ଟରେ ଶୁଣାଣି ସମୟରେ ସ୍ପଷ୍ଟ ହୋଇଥିଲା।

## ସମଲିଙ୍ଗୀ ବିବାହର ଆଇନଗତ ମାନ୍ୟତା :

# ରିଭ୍ୟୁ ପିଟିସନ୍‌ର ଶୁଣାଣି ପାଇଁ ମନାକଲେ ସୁପ୍ରିମ୍-କୋର୍ଟ

ନୂଆଦିଲ୍ଲୀ: ଭାରତରେ ସମଲିଙ୍ଗୀ ବିବାହକୁ ଆଇନଗତ ମାନ୍ୟତା ଦେବାକୁ ସୁପ୍ରିମ୍‌କୋର୍ଟ ୨୦୨୩ରେ ଏକ ରାୟରେ ମନା କରିଦେଇଥିଲେ। ଏହି ଐତିହାସିକ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି କରାଯାଇଥିବା ରିଭ୍ୟୁ ପିଟିସନର ଶୁଣାଣି କରିବାକୁ ସର୍ବୋଚ୍ଚ ଅଦାଲତ ଗୁରୁବାର ମନା କରିଦେଇଛନ୍ତି। ପୂର୍ବରୁ ଦିଆଯାଇଥିବା ରାୟରେ ଅଦାଲତ କହିଥିଲେ ଯେ ସମଲିଙ୍ଗୀ ବିବାହକୁ ଆଇନଗତ ମାନ୍ୟତା ଦେବା ପାଇଁ କୌଣସି ସାମ୍ବିଧାନିକ ଆଧାର ନାହିଁ, ଯାହା ଏଲ୍‌ଜିବିଟିକ୍ୟୁଆଇଏ+ କାର୍ଯ୍ୟକର୍ତ୍ତା ଓ ସହଯୋଗୀଙ୍କ ମଧ୍ୟରେ ନିରାଶା ସୃଷ୍ଟି କରିଥିଲା। ଅଦାଲତ ତାଙ୍କ ସଦ୍ୟତମ ରାୟରେ କହିଛନ୍ତି ଯେ ପୂର୍ବ ରାୟରେ କୌଣସି ତ୍ରୁଟି ପରିଲକ୍ଷିତ ହୋଇନାହିଁ। ମୂଳ ରାୟରେ ଯାହା କୁହାଯାଇଛି ତାହା ଆଇନସମ୍ମତ ଏବଂ ଏଥିରେ ଆଉ କୌଣସି ହସ୍ତକ୍ଷେପ ଆବଶ୍ୟକ ନାହିଁ। ଫଳରେ ଏହି ନିଷ୍ପତ୍ତିର ପୁନର୍ବିଚାର ପାଇଁ ସମସ୍ତ ରିଭ୍ୟୁ ପିଟିସନ ଖାରଜ ହୋଇଯାଇଛି। ସମଲିଙ୍ଗୀ ବିବାହକୁ ନେଇ ୨୦୨୩ରେ ଦିଆଯାଇଥିବା ରାୟକୁ ଚ୍ୟାଲେଞ୍ଜ କରୁଥିବା ପିଟିସନ ଉପରେ



ଗୁରୁବାର ୫ ଜଣିଆ ଖଣ୍ଡପୀଠ ଶୁଣାଣି କରିଥିଲେ। ଜଷ୍ଟିସ୍ ବିଆର୍ ଗଭାଇ, ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ବିଭି ନାଗରତ୍ନା, ପିଏସ୍ ନରସିଂହ ଓ ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଚାମ୍ବରରେ ଆବେଦନର ସମୀକ୍ଷା କରିଥିଲେ ମଧ୍ୟ ଖୋଲା ଅଦାଲତରେ ଶୁଣାଣି ହୋଇ ନ ଥିଲା। ଗତବର୍ଷ ଜୁଲାଇ ମାସରେ ଆବେଦନକାରୀମାନେ ଖୋଲା ଅଦାଲତରେ ଶୁଣାଣି ପାଇଁ ଆବେଦନ କରିଥିଲେ। ଜଷ୍ଟିସ୍ ଏସ୍‌କେ କୌଲ, ଜଷ୍ଟିସ୍ ଏସ୍ ରବୀନ୍ଦ୍ର ଭଟ୍ଟ, ପୂର୍ବତନ ପ୍ରଧାନ ବିଚାରପତି ଚନ୍ଦ୍ରଚୂଡ଼ ଓ ଜଷ୍ଟିସ୍ କୋହଲିଙ୍କ ଅବସର ପରେ ନୂଆ ଖଣ୍ଡପୀଠର ପୁନର୍ଗଠନ କରିବାକୁ ପଡ଼ିଥିଲା। ବର୍ତ୍ତମାନ ମୁଖ୍ୟ ବିଚାରପତି ଥିବା ଜଷ୍ଟିସ ସଞ୍ଜୀବ ଖାନ୍ନା ଗତବର୍ଷ ନିଜକୁ ପ୍ରତ୍ୟାହାର କରିନେଇଥିଲେ।

## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

## CONTACT

6371417361 voiceofvictimsnews@gmail.com

www.voiceofvictims.co.in

Follow/Like/Subscribe :

Voice Of Victims News




Printed by Gyana Ranjan Mishra and published by Gyana Ranjan Mishra on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
Editor: Gyana Ranjan Mishra
ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର